## ସଂକ୍ଷେପରେ

### କେନ୍ଦ୍ର ନିଷ୍ପତ୍ତିର ପ୍ରତିବାଦ କଲା ବିଜେଡି



ରାମନାଗୁଡ଼ା,୧୬।୨(ଡି.ଏନ୍.ଏ.)- କେନ୍ଦ୍ର ସରକାରଙ୍କ ପକ୍ଷରୁ ରାମନାଗୁଡ଼ା ଠାରେ ମଧ ବ୍ଲକ ସମ୍ମୁଖରେ ବିଜେଡି ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ପ୍ରଧାନମନ୍ତ୍ରୀ ଗରିବ କଲ୍ୟାଣ ଅନ୍ନ ଯୋଜନାରେ ମିଳୁଥିବା ୫ କେଜି ଚାଉଳ ବନ୍ଦ ନିଷ୍ପତ୍ତିକୁ ବିରୋଧ କରାଯାଇଛି। ଏହି ନିଷ୍ପତ୍ତି ପ୍ରତ୍ୟାହାର କରି ପୁଣି ମାଗଣା ଚାଉଳ ଯୋଗାଇ ଦେବାକୁ ଦଳ ପକ୍ଷରୁ ଦାବି କରାଯାଇଛି। ଅତିରିକ୍ତ ଜିଲାପାଳ ଧର୍ମାନନ୍ଦ ବେହେରାଙ୍କୁ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ବ୍ଲକ ବିଜେଡି ସଭାପତି ବିଜୟ କୁମାର ମାଣ୍ଡାଙ୍ଗି, ଜିଲା ସମ୍ପାଦକ ଗଗନ ବିହାରୀ ଆଚାର୍ଯ୍ୟ, ବ୍ଲକ ଯୁବ ବିଜେଡି ସଭାପତି ସଞ୍ଜୟ କୁମାର ପ୍ରଧାନ, ପୂର୍ବତନ ଜିଲା ପରିଷଦ ସଭ୍ୟ ଦାମୋଦର କୈବର୍ତ୍ତ, ଲକ୍ଷ୍ମୀ କାଡ୍ରାକା, ସମିତି ସଭ୍ୟ ପାରୀକ୍ଷିତି ଲକ୍ଷ୍ମୀପ୍ରିୟା ମାଣ୍ଡାଙ୍ଗି, କୁଜେନ୍ଦ୍ରୀ ସମିତି ସଭ୍ୟ ଜି. କାରିଆନା, କୁଜେନ୍ଦ୍ରୀ ସରପଞ୍ଚ ରମେଶ ଶବର, ଲ୍ୟାମ୍ପ ସଭାପତି ଗଣପତି ନିମାଲା, ବ୍ଲକ ଯୁବ ସାଧାରଣ ସମ୍ପାଦକ ବଳିଆ ସାହୁ ପ୍ରମୁଖ ସାମିଲ ହୋଇ ପ୍ରତିବାଦ କରିଥିଲେ। ସେହିପରି ବ୍ଲକ କାର୍ଯ୍ୟାଳୟରେ ବିଡିଓଙ୍କ ଅନୁପସ୍ଥିତିରେ ସହକାରୀ ନିର୍ବାହୀ ଯନ୍ତ୍ରୀ ରାକେଶ ସାହୁଙ୍କ ଜରିଆରେ ଦାବିପତ୍ର ପ୍ରଦାନ କରାଯାଇଛି।

### ଆଲୁମ୍ନି ସଦସ୍ୟଙ୍କ ଅର୍ଥରେ ହେଉଛି ବିଭିନ୍ନ ବିଦ୍ୟାଳୟର ବିକାଶ

କୋରାପୁଟ,୧୬।୨(ସ୍ୱ.ପ୍ର.)- ରାଜ୍ୟ ସରକାରଙ୍କ ମୋ ସ୍କୁଲ ଅଭିଯାନକୁ ୫ ବର୍ଷ ପୂରିଛି। ଏହି ଅବସରରେ ରାଜ୍ୟର ସବୁ ଜିଲାର ସଦର ମହକୁମାରେ ବିଶେଷ କାର୍ଯ୍ୟକ୍ରମ ଓ ପ୍ରଦର୍ଶନୀ ଅନୁଷ୍ଠିତ ହୋଇଛି। କୋରାପୁଟସ୍ଥିତ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ମୋ ସ୍କୁଲ ଅଭିଯାନ କାର୍ଯ୍ୟକ୍ରମରେ ୧୪ ଟି ବ୍ଲକରୁ ବ୍ଲକ ଶିକ୍ଷା ଅଧିକାରୀ ଓ ଶିକ୍ଷୟିତ୍ରୀ ଶିକ୍ଷକ ସାମିଲ ହୋଇଥିଲେ। କାର୍ଯ୍ୟକ୍ରମକୁ ଅତିରିକ୍ତ ଜିଲାପାଳ ରାମେଶ୍ୱର ପ୍ରଧାନ ମୁଖ୍ୟ ଅତିଥିଭାବେ ଯୋଗଦେଇ ଶୁଭାରମ୍ଭ କରିଥିଲେ। ସମ୍ମାନିତ ଅତିଥିଭାବେ ଜିଲା ଶିକ୍ଷା ଅଧିକାରୀ ରାମଚନ୍ଦ୍ର ନାହାକଙ୍କ ସହ ଜିଲାର ସବୁ ବ୍ଲକ ଶିକ୍ଷା ଅଧିକାରୀମାନେ ଯୋଗଦେଇ ଜିଲାରେ ମୋ ସ୍କୁଲ ଅଭିଯାନର ସଫଳତା ସଂପର୍କରେ ନିଜ ମତ ରଖିଥିଲେ। ସୂଚନାଯୋଗ୍ୟ, ୨୦୧୭ରେ ମୋ ସ୍କୁଲ ଅଭିଯାନରେ କୋରାପୁଟ ଜିଲାର ସମସ୍ତ ବିଦ୍ୟାଳୟ ସାମିଲ ହୋଇଛନ୍ତି। ବିଦ୍ୟାଳୟ ନାମରେ ଗୋଟିଏ ଲେଖାଏ ବ୍ୟାଙ୍କ ଆକାଉଣ୍ଟ ଖୋଲାଯାଇଛି। ଜିଲାରେ ମୋଟ ୨୦୯୪ଟି ବିଦ୍ୟାଳୟରେ ପ୍ରକଳ୍ପମାନ କରାଯାଇଛି। ଏଥିରେ ୬୧,୯୯୪ ଜଣ ଛାତ୍ରୀଛାତ୍ରଙ୍କ ଅଭିଭାବକ ଓ ଗ୍ରାମବାସୀ ସାମିଲ ହୋଇଥିବା ଜିଲା ଶିକ୍ଷା ଅଧିକାରୀ ନାହାକ କହିଛନ୍ତି। ବର୍ତ୍ତମାନ ସୁଦ୍ଧା ମୋ ସ୍କୁଲ ଅଭିଯାନରେ କୋରାପୁଟ ଜିଲାରେ ମୋଟ ୨ ଲକ୍ଷ ୧୩ ହଜାର ଆଲୁମ୍ନି ସଦସ୍ୟ ସାମିଲ ହୋଇଛନ୍ତି। ୧ ଲକ୍ଷ ୬୯ ସଦସ୍ୟ ସୋମାନଙ୍କ ବିଦ୍ୟାଳୟ ପାଣ୍ଠିକୁ ମୋଟ ୧ କୋଟି ୭୫ ଲକ୍ଷ ୫୫ ହଜାର ୫୫୧ ଟଙ୍କା ଦେଇଛନ୍ତି। ଏଥିରେ ଜିଲାର ସମସ୍ତ ବିଦ୍ୟାଳୟର ସାମାଗ୍ରିକ ବିକାଶ କାର୍ଯ୍ୟ କରାଯାଉଛି। ସମ୍ମାନିତ ଅତିଥି କୋଟସର ନିର୍ଦ୍ଦେଶକ ପ୍ରଫୁଲ୍ଲ ଚନ୍ଦ୍ର ମହାପାତ୍ର ଉପସ୍ଥିତ ଥିଲେ।

# ରାୟଗଡ଼ା ଜିଲାରେ କୃଷି, ସ୍ୱାସ୍ଥ୍ୟସେବା ବିପର୍ଯ୍ୟସ୍ତ

ରାୟଗଡ଼ା,୧୬।୨(ସ୍ୱ.ପ୍ର.)

ରାୟଗଡ଼ା ଜିଲା ପରିଷଦର ୭୬ତମ ବୈଠକରେ କୃଷି ବିଭାଗର ଅଲୋଚନାବେଳେ ଜିଲା ମୁଖ୍ୟ କୃଷି ଅଧିକାରୀ ସୁମନ ସିଂ ପଟ୍ଟନାୟକ ନିଜ ବିଭାଗର ତଥ୍ୟ ପ୍ରଦାନ କରିଥିଲେ। ଏହି ସମୟରେ ଏମ୍‌ପିଙ୍କ ପ୍ରତିନିଧି ସୁନୀଲ ଚନ୍ଦ୍ର ପଣ୍ଡା ବିଭାଗରେ ରହିଥିବା ବିଭିନ୍ନ ଅବ୍ଯବସ୍ଥା ଓ ବେପରୁଆ କାର୍ଯ୍ୟ ଉପରେ ଅଭିଯୋଗ କରିଥିଲେ। କୃଷି ବିଭାଗର ଅଧିକାରୀ ଓ କର୍ମଚାରୀ କ୍ଷେତ୍ରକୁ ନ ଯାଇ ଖାଲି କାଗଜ କଲମରେ ଚାଷ କରୁଛନ୍ତି ବୋଲି ବିଭିନ୍ନ ବ୍ଲକରୁ ଆସିଥିବା ଅଧ୍ୟକ୍ଷା ଓ ଅଧ୍ୟକ୍ଷମାନେ ଅଭିଯୋଗ କରିଥିଲେ। ଏମିତିକି ବୈଠକରେ ଉପସ୍ଥାପନ କରାଯାଇଥିବା ସମସ୍ତ ତଥ୍ୟ ମିଥ୍ୟା ବୋଲି ଜିଲା ପରିଷଦ ସଭ୍ୟାସଭ୍ୟ ଅଭିଯୋଗ କରିଥିଲେ। ଚାଷୀଙ୍କ ଧାନ ବିକ୍ରିରେ ବିଭିନ୍ନ ସମସ୍ୟା ରହିଛି। ଏକର ପିଛା ୧୩ କୁଇଣ୍ଟାଲ ଧାନ ବିକ୍ରି ପାଇଁ ଲକ୍ଷ୍ୟ ଧାର୍ଯ୍ୟ କିଭଳି କରାଗଲା ବୋଲି ଜିଲା ଯୋଗାଣ ଅଧିକାରୀ ରାଜକିଶୋର ପାଣିଗ୍ରାହୀଙ୍କୁ ଘେରିଥିଲେ। ତେବେ ଯାହାର ଜମିରେ ଏକର ପିଛା ୧୩ କୁଇଣ୍ଟାଲରୁ ଉର୍ଦ୍ଧ୍ୱ ଧାନ ଉତ୍ପାଦନ ହେଉଛି ସେମାନେ ବଳକା ଧାନ କେଉଁଠି ବିକ୍ରି କରିବେ ବୋଲି ପ୍ରଶ୍ନ ଉଠିଥିଲା। ଯେଉଁ ଚାଷୀ ଧାନ ବିକ୍ରି କରିଛନ୍ତି ସେମାନଙ୍କ ଟଙ୍କା ଦୁଇ ଦିନରେ ଆସିବା ବଦଳରେ ଦୁଇ ସପ୍ତାହ ପରେ ମଧ ଆକାଉଣ୍ଟକୁ ଆସୁ ନ ଥିବା ଅଭିଯୋଗ ହୋଇଥିଲା। ରବି ଋତୁରେ ଚାଷ ପାଇଁ ଆବଶ୍ୟକ ସାମଗ୍ରୀ କୃଷି ବିଭାଗ ପ୍ରଦାନ କରୁନାହିଁ ବୋଲି ମଧ ଅଭିଯୋଗ ହୋଇଥିଲା।

ଅପରପକ୍ଷେ ଜିଲାରେ ସ୍ୱାସ୍ଥ୍ୟ ସେବାକୁ ନେଇ ମଧ ଅସନ୍ତୋଷ ପ୍ରକାଶ ପାଇଥିଲା।

### ଉଦ୍‌ବେଗ ପ୍ରକାଶ କଲେ ଲୋକ ପ୍ରତିନିଧି

ଉପଯୁକ୍ତ ସ୍ୱାସ୍ଥ୍ୟ ସେବା ନ ପାଇ ରୋଗୀ ବହୁ କଷ୍ଟ ଭୋଗୁଛନ୍ତି। ଏଭଳିକି କିଛି ରୋଗୀ ପ୍ରାଣ ମଧ ହରାଉଛନ୍ତି। ବୈଠକରେ ସ୍ୱାସ୍ଥ୍ୟ ବିଭାଗ ଆଲୋଚନା ଆରମ୍ଭରୁ ଜିଲା ପରିଷଦ ଅଧ୍ୟକ୍ଷା ସରସ୍ୱତୀ ମାଝି ଅସନ୍ତୋଷ ବ୍ୟକ୍ତ କରିଥିଲେ। ସିଡିଏମଓ ଡା. ଲାଲମୋହନ ରାଉତରାୟ ସ୍ୱାସ୍ଥ୍ୟ ବିଭାଗର ତଥ୍ୟ ପ୍ରଦାନ ସମୟରେ ଅଧ୍ୟକ୍ଷା ଟିକିରି ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରରେ ଗର୍ଭବତୀଙ୍କ ପ୍ରସବ କାହିଁକି କରାଯାଉନାହିଁ ବୋଲି ପ୍ରଶ୍ନ କରିଥିଲେ। ଉକ୍ତ ସ୍ୱାସ୍ଥ୍ୟକେନ୍ଦ୍ରକୁ ଗଲେ କାଶୀପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଏବଂ ପରେ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇ ଦିଆଯାଉଛି। ଉକ୍ତ ସ୍ୱାସ୍ଥ୍ୟକେନ୍ଦ୍ର ଗୁଡ଼ିକରେ କାହିଁକି ଡାକ୍ତର ନିଯୁକ୍ତ ହୋଇଛନ୍ତି ବୋଲି ସେ ପ୍ରଶ୍ନ କରିଛନ୍ତି। ଏହାପରେ ଜିଲା ପରିଷଦ ସଭ୍ୟ ତାଙ୍ଗୁଡୁ ଶ୍ରୀଧର ଦୁଇ ଜଣଙ୍କ ମୃତ୍ୟୁର ଉଦାହରଣ ଦେଇ ଥିବା ବେଳେ କାଶୀପୁର ବ୍ଲକ ଅଧ୍ୟକ୍ଷ କର୍ଣ୍ଣେଶ୍ୱର ମାଝି ଜିଲାରେ ସ୍ୱାସ୍ଥ୍ୟ ବିଭାଗ କିଭଳି କାର୍ଯ୍ୟ କରୁଛି ସେ ବିଷୟରେ ଆଲୋକପାତ କରିଥିଲେ। ଏହିଭଳି ସ୍ୱାସ୍ଥ୍ୟ ସେବା ଓ କୃଷି ବିଭାଗକୁ ନେଇ ଉପସ୍ଥିତ ବ୍ଲକ ଅଧ୍ୟକ୍ଷା, ଅଧ୍ୟକ୍ଷ ଓ ଜିଲା ପରିଷଦ ସଭ୍ୟାସଭ୍ୟ ଅଭିଯୋଗ କରିଥିଲେ। ବୈଠକରେ କୃଷି ଓ ସ୍ୱାସ୍ଥ୍ୟ ବ୍ୟତୀତ ଗ୍ରାମ୍ୟ ଉନ୍ନୟନ, ସାଧାରଣ ବଣ୍ଟନ ବ୍ୟବସ୍ଥା, ଶିକ୍ଷା ବିଭାଗ, ଗ୍ରାମ୍ୟ ଜଳଯୋଗାଣ ଓ ପରିମଳ ବିଭାଗ, ଜଳଛାୟା ମିଶନ ଉପରେ ମଧ ଆଲୋଚନା ହୋଇଥିଲା।

# ନବରଙ୍ଗପୁର ଜିଲା ରାଜ୍ୟରେ ତୃତୀୟ



ନବରଙ୍ଗପୁର ଜିଲାପାଳ କମଳଲୋଚନ ମିଶ୍ର ପୁରସ୍କାର ଗ୍ରହଣ କରୁଛନ୍ତି ।

ନବରଙ୍ଗପୁର, ୧୬।୨(ବି.ପ୍ର.)

ପୁରୁଷ ବିଶ୍ୱକପ ହକି ୨୦୨୩ ଆୟୋଜନ ଅବସରରେ ନବରଙ୍ଗପୁର ଜିଲାର ପଞ୍ଚାୟତସ୍ତରରୁ ଆରମ୍ଭ କରି ଜିଲାସ୍ତର ପର୍ଯ୍ୟନ୍ତ ବିଭିନ୍ନ କ୍ରୀଡ଼ା ପ୍ରତିଯୋଗିତା ସହ ସ୍ୱତନ୍ତ୍ର ଗ୍ରାମ ସଭା ଆୟୋଜନ କରି ରାଜ୍ୟସ୍ତରରେ ତୃତୀୟ ସ୍ଥାନ ହାସଲ କରିଛି। ଏହି ପରିପ୍ରେକ୍ଷୀରେ ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମରେ ଏକ ସ୍ୱତନ୍ତ୍ର ଉତ୍ସବରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ନବରଙ୍ଗପୁର ଜିଲାପାଳ ଡଃ କମଳ ଲୋଚନ ମିଶ୍ରଙ୍କୁ ସମ୍ମାନିତ କରିଛନ୍ତି। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଗୃହ,କ୍ରୀଡା ଓ ଯୁବ ସେବା ମନ୍ତ୍ରୀ ତୁଷାରକାନ୍ତି ବେହେରା,ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର, ୫-ଟି ସଚିବ ଭି.କେ. ପାଣ୍ଡିଆନ୍, ଜଳ ସମ୍ପଦ ବିଭାଗ ଅତିରିକ୍ତ ଶାସନ ସଚିବ ଅନୁ ଗର୍ଗ ପ୍ରମୁଖ ଉପସ୍ଥିତ ଥିଲେ।

# ଅଧିକାରୀ, ଲୋକ ପ୍ରତିନିଧିଙ୍କ ଅନୁପସ୍ଥିତିରେ ଜିଲା ପରିଷଦ ବୈଠକ

ରାୟଗଡ଼ା,୧୬।୨(ସ୍ୱ.ପ୍ର.)

ଜିଲା ପରିଷଦ ସମ୍ମିଳନୀ କକ୍ଷରେ ଜିଲା ପରିଷଦର ୭୬ତମ ବୈଠକ ଅନୁଷ୍ଠିତ ହୋଇଯାଇଛି। ହେଲେ ଉକ୍ତ ବୈଠକରେ ଅଧିକାଂଶ ଲୋକ ପ୍ରତିନିଧି ଓ ଅଧିକାରୀ ଅନୁପସ୍ଥିତ ଥିବା ଦେଖିବାକୁ ମିଳିଥିଲା। ପାର୍ଲାମେଣ୍ଟ ଅଧିବେଶନ ଚାଲିଥିବାରୁ କୋରାପୁଟ ଏମ୍‌ପି ସପ୍ତଗିରି ଉଲାକା ବୈଠକରେ ଯୋଗ ଦେଇପାରି ନ ଥିଲେ। ତାଙ୍କ ପ୍ରତିନିଧି ବୈଠକରେ ଯୋଗ ଦେଇଥିଲେ। ସେହିପରି ଜିଲାର ୩ ବିଧାୟକ ଯଥା ରାୟଗଡ଼ା ବିଧାୟକ ମକରନ୍ଦ ମୁଦୁଲି, ଗୁଣପୁର ବିଧାୟକ ରଘୁନାଥ ଗମାଙ୍ଗ ଏବଂ ବିଷମକଟକ ବିଧାୟକ ତଥା ମନ୍ତ୍ରୀ ଜଗନ୍ନାଥ ସାରକା ମଧ ବୈଠକରେ ଅନୁପସ୍ଥିତ ଥିଲେ। ଏମିତିକି ଜିଲାପାଳ ସ୍ୱଧା ଦେବ ସିଂ ମଧ ରାଜ୍ୟ ସରକାରଙ୍କ ଜିଲାପାଳ ସମ୍ମିଳନୀରେ ଯୋଗ ଦେଇଥିବାରୁ ବୈଠକରେ ଯୋଗ ଦେଇ ନ ଥିଲେ। ତେବେ ଜିଲାପାଳଙ୍କ ଅନୁପସ୍ଥିତିରେ ଜିଲା ପରିଷଦ ନିର୍ବାହୀ ଅଧିକାରୀ ରବି ନାରାୟଣ ତ୍ରିପାଠୀ ସମସ୍ତ କାର୍ଯ୍ୟ ତୁଲାଇଥିଲେ। ଫଳରେ ସରକାରୀ କାର୍ଯ୍ୟରେ କୌଣସି ବାଧା ଉପୁଜି ନାହିଁ ।



ବୈଠକରେ ଉପସ୍ଥିତ ଜିଲା ପରିଷଦ ଅଧ୍ୟକ୍ଷା ଓ ଅନ୍ୟମାନେ।

### ହୋଇ ପାରିଲାନି ଗୁରୁତ୍ୱପୂର୍ଣ୍ଣ ଆଲୋଚନା

ହେଲେ ଏମ୍‌ପି ଓ ବିଧାୟକମାନେ ଉପସ୍ଥିତ ନ ରହିବା କାରଣରୁ ଅନେକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଠିକ୍‌ରେ ଆଲୋଚନା ହୋଇପାରି ନ ଥିଲା। ଜିଲା ପରିଷଦ ବୈଠକ ଜିଲାର ସର୍ବାଙ୍ଗୀନ ବିକାଶରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରୁଥିବା ବେଳେ ପ୍ରମୁଖ ଲୋକ ପ୍ରତିନିଧିମାନେ ଏହାକୁ ଅଣଦେଖା କରୁଥିବା ମତପ୍ରକାଶ ପାଇଛି।

### ଉନ୍ନତ ମାନର ଚୁଲା ବଣ୍ଟନ

ଚିତ୍ରକୋଣ୍ଡା,୧୬।୨(ଡି.ଏନ.ଏ.)

ମାଲକାନଗିରି ଜିଲା କୋରୁକୋଣ୍ଡା ବ୍ଲକ ଅଧୀନ ନାକମାମୁଡି ପଞ୍ଚାୟତରେ ସିସିଏକ୍ସ ସହାୟତାରେ ଚିତ୍ରକୋଣ୍ଡାରେ କାର୍ଯ୍ୟରତ ମୋଡ୍ ଅନୁଷ୍ଠାନ ସହଯୋଗରେ ସମ୍ପାଦକ ଉମି ଜୟପାଲ ଏବଂ ଜେଏସଏସ ସମ୍ପାଦକ ଚୈତନ୍ୟ ଓଝାଙ୍କ ତତ୍ତ୍ୱାବଧାନରେ ଚାଲିଥିବା କାର୍ଯ୍ୟକ୍ରମରେ ଉନ୍ନତମାନର ଚୂଲା ବଣ୍ଟନ କରାଯାଇଛି। ସିନିୟର ମ୍ୟାନେଜର ଅପୂର୍ବ ଦାଶଙ୍କ ନେତୃତ୍ୱରେ କୋରୁକୋଣ୍ଡା ବିଡ଼ିଓ ବେଦବ୍ୟାସ ଭୋଇ, ବ୍ଲକ ଅଧ୍ୟକ୍ଷ ଜିତୁ ବିରୁଡି, ଜିଲା ପରିଷଦ ସଭ୍ୟ ମଙ୍ଗୁ ଖିଲ,ନାକମାମୁଡି ସରପଞ୍ଚ ଲକ୍ଷ୍ମୀ ମୁଦୁଲି, ସମିତିସଭ୍ୟ,ବନପାଳ ମୋହନ ଓ୍ୱାର୍ଡମେମ୍ବର ଓ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟଙ୍କ ଉପସ୍ଥିତିରେ ନାକମାମୁଡି ପଞ୍ଚାୟତର ମହିଳାମାନଙ୍କୁ ଉନ୍ନତମାନର ଚୁଲା ବଣ୍ଟନ କରାଯାଇଥିଲା। ଆଗାମୀ ଦିନରେ ବିଭିନ୍ନ ବ୍ଲକ ଓ ବିଭିନ୍ନ ପଞ୍ଚାୟତରେ ଏଭଳି ଚୁଲା ପ୍ରଦାନ କରାଯିବ ବୋଲି ମୋଡ୍‌ର ସମ୍ପାଦକ ଜୟପାଲ କହିଛନ୍ତି।

# ଉନ୍ନୟନ କାର୍ଯ୍ୟ ପରିଦର୍ଶନ କଲେ ଜିଲା ପରିଷଦ ଅଧ୍ୟକ୍ଷା

ପଦ୍ମପୁର,୧୬।୨(ଡି.ଏନ୍.ଏ.)

ରାୟଗଡ଼ା ଜିଲା ପରିଷଦ ଅଧ୍ୟକ୍ଷା ସରସ୍ୱତୀ ମାଝି ପଦ୍ମପୁର ବ୍ଲକରେ ବୁଧବାର ବିଭିନ୍ନ ଉନ୍ନୟନ ପ୍ରକଳ୍ପ ପରିଦର୍ଶନ କରିଛନ୍ତି। ଆଖୁସିଂ ପଞ୍ଚାୟତର ମିଶନ ଶକ୍ତି ଗୃହ ଓ ୫-ଟି ସ୍କୁଲ, ଖିଲାପଦର ପଞ୍ଚାୟତର ୫-ଟି ସ୍କୁଲ ଓ କଲ୍ୟାଣମଣ୍ଡପ, ପଦ୍ମପୁର ପଞ୍ଚାୟତର ୫-ଟି ବାଳିକା ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଓ ପାର୍କ ଆଦି ପରିଦର୍ଶନ କରିଥିଲେ। କାମ କିଭଳି ହୋଇଛି ତାହାର ଅନୁଧ୍ୟାନ କରିଥିଲେ। ଏହି ସମୟରେ ପଦ୍ମପୁର ବ୍ଲକ ଅଧ୍ୟକ୍ଷା ମଣିମାଳା ଶବର, ପୂର୍ବତନ ବ୍ଲକ ଅଧ୍ୟକ୍ଷ ରମାକାନ୍ତ ମାଝି, ଆମ୍ମା ଅଧ୍ୟକ୍ଷ କୈଳାସ କ୍ରାସ୍କା, ଦଳୀୟ ନେତା ରଘୁନନ୍ଦନ ନାୟକ, କିଲାନା ଗୋବିନ୍ଦ ରାଓ, 'ଖ' ଜୋନ୍ ଜିଲା ପରିଷଦ ସଭ୍ୟ ରବି ନାରାୟଣ ଆଚାର୍ଯ୍ୟ, ଏସ୍‌ଡିସି ସଦସ୍ୟ ସହଦେବ ମଣ୍ଡାଙ୍ଗୀ, ଉରଚୁଲା ମାଝି, ଦଳୀୟ ନେତା ବ୍ରଜ ପାଣିଗ୍ରାହୀ, ଯୁବନେତା ବଳରାମ ଦାସ, ପଦ୍ମପୁର ସରପଞ୍ଚ, ଇନ୍ଦୁପୁର ସରପଞ୍ଚ, ଖମାପଦର ସରପଞ୍ଚ, ମହିଳା ସଭାନେତ୍ରୀ ସୁପ୍ରିୟା ରାଉତ, ପୂର୍ବତନ ଜିଲା ପରିଷଦ ସଭ୍ୟ ବିଜୟ ଶବର, ଯୁବନେତା ଲକ୍ଷ୍ମଣ ସାହୁ, ଯୁବନେତା ଶ୍ରୀଯୁକ୍ତ ମହେଶ ନାୟକ ପ୍ରମୁଖ ଉପସ୍ଥିତ ଥିଲେ ।

# ଜିଲାପାଳଙ୍କୁ ସମସ୍ୟା ଜଣାଇଲେ ପିପଲଗୁଡ଼ା ପଞ୍ଚାୟତବାସୀ

ରାୟଗଡ଼ା,୧୬।୨(ସ୍ୱ.ପ୍ର.)

ପିପଲଗୁଡ଼ା ପଞ୍ଚାୟତର ବିଭିନ୍ନ ସମସ୍ୟା ନେଇ ପିପଲଗୁଡ଼ା ପଞ୍ଚାୟତ ବିକାଶ ପରିଷଦ ପକ୍ଷରୁ ୫ଦଫା ଦାବି ନେଇ ଏକ ଦାବିପତ୍ର ଜିଲାପାଳଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରାଯାଇଛି। ଜିଲାପାଳଙ୍କ ଅନୁପସ୍ଥିତିରେ ଉକ୍ତ ଦାବିପତ୍ର ଅତିରିକ୍ତ ଜିଲାପାଳ ଧର୍ମାନନ୍ଦ ବେହେରା ଗ୍ରହଣ କରିଛନ୍ତି। ଗୁରୁବାର ପିପଲଗୁଡ଼ା ପଞ୍ଚାୟତ ବାସିନ୍ଦା ଅଞ୍ଚଳରେ ରହିଥିବା ବିଭିନ୍ନ ସମସ୍ୟା ନେଇ ଏକ ଶୋଭାଯାତ୍ରାରେ ବାହାରି ଜିଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚି ଦାବିପତ୍ର ପ୍ରଦାନ କରିଥିଲେ। ଉକ୍ତ ଦାବିପତ୍ରରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ମୋବାଇଲ ନେଟୱର୍କ ସ୍ଥାପନ, ଜଙ୍ଗଲ ଜମି ପଟ୍ଟା, ଘରବାରି ପଟ୍ଟା, ସ୍ୱାସ୍ଥ୍ୟ କେନ୍ଦ୍ର ଆଦିରେ ରହିଥିବା ବିଭିନ୍ନ ଅବ୍ୟବସ୍ଥା ବିଷୟରେ ଉଲ୍ଲେଖ କରାଯାଇଛି।

ପଞ୍ଚାୟତବାସୀଙ୍କ କହିବାନୁଯାୟୀ, ପିପଲଗୁଡ଼ା ପଞ୍ଚାୟତରେ ୮ଶହ ପରିବାର ରହୁଥିବା ବେଳେ କେବଳ ୧୧ ହିତାଧିକାରୀଙ୍କୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନା(ପିଏମ୍‌ଏୱାଇ)ରେ ସାମିଲ କରାଯାଇଛି । ଯୋଗ୍ୟ ହିତାଧିକାରୀଙ୍କ ପ୍ରତି ପ୍ରଶାସନର ଉପହାସ ବୋଲି ପରିଷଦର ଆବାହକ ସତ୍ୟବାନ ମାଣ୍ଡାଙ୍ଗି କହିଛନ୍ତି। ସେହିଭଳି କେନ୍ଦ୍ର ଓ ରାଜ୍ୟ ସରକାର ଡିଜିଟାଲ ଇଣ୍ଡିଆ କଥା କହୁଥିବା ବେଳେ ଉକ୍ତ ଅଞ୍ଚଳରେ ଅଦ୍ୟାବଧି ମୋବାଇଲ ସୁବିଧା ନାହିଁ। ଫଳରେ ପିଲାଙ୍କ ପାଠ ପଢ଼ାଠାରୁ ଆରମ୍ଭ କରି ସ୍ୱାସ୍ଥ୍ୟ ସେବା ଓ ବୃଦ୍ଧାବୃଦ୍ଧଙ୍କ ଭତ୍ତା ବ୍ୟାଙ୍କରୁ ଉଠାଣରେ ଅସୁବିଧା ହେଉଛି। ଭାରତ ସରକାରଙ୍କ ଜଙ୍ଗଲ ଜମି ପଟ୍ଟା ଆଇନ ଆଧାରରେ ସମସ୍ତ ପଞ୍ଚାୟତବାସୀଙ୍କୁ ପଟ୍ଟା ମିଳୁଥିବା ବେଳେ ପିପଲଗୁଡ଼ାକୁ ଜାଣିଶୁଣି ଅଣଦେଖା କରାଯାଉଛି। ଏପରିକି ଅଞ୍ଚଳରେ ଆବଶ୍ୟକୀୟ ସ୍ଥଳେ ଘରବାରି ପଟା ମଧ ମିଳୁନାହିଁ। ପିପଲଗୁଡ଼ା ଏବଂ ଏହାର ଆଖପାଖ ଅଞ୍ଚଳରେ ୬ଟି ପଞ୍ଚାୟତ ରହିଥିବା ବେଳେ ଜାଙ୍ଗିଲି ଠାରେ ମାତ୍ର ଗୋଟିଏ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ରହିଛି। ତେଣୁ ଉକ୍ତ ପ୍ରାଥମିକ କେନ୍ଦ୍ରକୁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଭାବେ ଘୋଷଣା କରି ଉନ୍ନତମାନର ସ୍ୱାସ୍ଥ୍ୟ ସେବା ଯୋଗାଇଦେବାକୁ ଦାବି ହୋଇଛି । ଯଦି ଆଗାମୀ ଦିନରେ ଜିଲା ପ୍ରଶାସନ ଓ ରାଜ୍ୟ ସରକାର ଏଥିପ୍ରତି କୌଣସି ଦୃଷ୍ଟି ନ ଦେଲେ ବଡ଼ ଆନ୍ଦୋଳନ କରାଯିବ ବୋଲି ରାୟଗଡ଼ା 'ଖ' ଜୋନ୍ ଜିଲା ପରିଷଦ ସଭ୍ୟ ପଦ୍ମାବତୀ ମାଣ୍ଡାଙ୍ଗି ପ୍ରକାଶ କରିଛନ୍ତି। ଦାବିପତ୍ର ପ୍ରଦାନ ଓ ଶୋଭାଯାତ୍ରାରେ ଅନ୍ୟମାନଙ୍କ ମଧ୍ୟରେ ପିପଲଗୁଡ଼ା ସରପଞ୍ଚ ରେଣୁକା ମାଣ୍ଡାଙ୍ଗି, ନାଏବ ସରପଚ ସିନାବାବୁ ଜିଲାକାରା, ରଞ୍ଜନ ଜିଲାକାରା ଓ ଶତାଧିକ ଅଞ୍ଚଳବାସୀ ଉପସ୍ଥିତ ଥିଲେ।




# ମୁଦୁଲିପଡାରେ ବିଏସ୍‌ଏଫ୍ କ୍ୟାମ୍ପ ପରିଦର୍ଶନ କଲେ ଡିଆଇଜି

ମାଲକାନଗିରି, ୧୬।୨(ଡି.ଏନ.ଏ.)

ମାଲକାନଗିରି ଜିଲା ଖଇରପୁଟ ବ୍ଲକର ମୁଦୁଲିପଡାଠାରେ ପ୍ରତିଷ୍ଠା ହୋଇଥିବା ବିଏସ୍‌ଏଫ୍ କ୍ୟାମ୍ପକୁ ବିଏସ୍‌ଏଫ୍ ଡିଆଇଜି ମଦନ ଲାଲ ଗୁରୁବାର ପରିଦର୍ଶନ କରିଛନ୍ତି। ଏହି ଅବସରରେ ସେ ସିଭିକ ଆକ୍ସନ କ୍ୟାମ୍ପରେ ଯୋଗ ଦେଇଥିଲେ। ପରିଦର୍ଶନ ବେଳେ ସୁରକ୍ଷା ଦୃଷ୍ଟିକୋଣ ଏବଂ ୟୁନିଟ୍‌ର କାର୍ଯ୍ୟକ୍ରମ ପ୍ରସ୍ତୁତି ଉପରେ ବିଏସ୍‌ଏଫ୍ ଟି.ଟି. କମାଣ୍ଡାଣ୍ଟ ନରସିଂହ ରେଡ୍ଡି ଡିଆଇଜିଙ୍କୁ ଅବଗତ କରାଇଥିଲେ। ଏହି ଅବସରରେ ବିଏସ୍‌ଏଫ୍ ପକ୍ଷରୁ ସିଭିକ୍ ଆକ୍ସନ ପ୍ରୋଗ୍ରାମ, ସ୍ୱାସ୍ଥ୍ୟ ଶିବିର ଏବଂ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ସିଭିକ୍ ଆକ୍ସନ୍ ପ୍ରୋଗ୍ରାମ ସମୟରେ ମୁଦୁଲିପଡା, ସିଲାଇଗଡା, ଗୋଖରପଡା, ସମ୍ବଲପୁରର ଗ୍ରାମବାସୀଙ୍କୁ ପୋଷାକ ସାମଗ୍ରୀ, ଷ୍ଟେସନାରୀ, ଖେଳ ଉପକରଣ ବଣ୍ଟନ କରାଯାଇଥିଲା। ଆୟୋଜିତ ସ୍ୱାସ୍ଥ୍ୟପରୀକ୍ଷା ଶିବିରରେ ୩୫୦ ଜଣ ଗ୍ରାମବାସୀ ଏବଂ ଛାତ୍ରଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା। ଆଗାମୀ ଦିନରେ ମାଓବାଦୀଙ୍କ ବିରୋଧରେ ବିଏସ୍‌ଏଫ୍ ପକ୍ଷରୁ ଆକ୍ରମଣକୁ ତୀବ୍ର କରାଯିବ। ବିଏସ୍‌ଏଫ୍‌ର କଲ୍ୟାଣମୂଳକ କାର୍ଯ୍ୟକଳାପ ଜନସମ୍ପର୍କ କାର୍ଯ୍ୟକ୍ରମ, ଆଦିବାସୀ ଯୁବ ବିନିମୟ କାର୍ଯ୍ୟକ୍ରମ, ସ୍ୱାସ୍ଥ୍ୟଶିବିର ଏବଂ କ୍ରୀଡା ଆଦି ଜାରି ରହିବ ବୋଲି ସେ ପ୍ରକାଶ କରିଥିଲେ। ମୁଦୁଲିପଡା ଆଇଆଇସି ଚନ୍ଦ୍ରକାନ୍ତ ତାଣ୍ଡି ଏବଂ ମୁଦୁଲିପଡାର ସରପଞ୍ଚ ସମ୍ବରୀ ଡାଙ୍ଗ୍ରା ମାଝୀ, ମୁଦୁଲିପଡା ଅନୁସୂଚିତ ଜାତି ଜନଜାତି ବାଳକ ଉଚ୍ଚ ବିଦ୍ୟାଳୟ, ମୁଦୁଲିପଡା ବାଳିକା ଉଚ୍ଚ ବିଦ୍ୟାଳୟର ଶିକ୍ଷକମାନେ ଉପସ୍ଥିତ ଥିଲେ।






# ପିଏମ୍‌ଜିକେଏୱାଇ ଯୋଜନା ପୁନଃ କାର୍ଯ୍ୟକାରୀ ଦାବି

ରାୟଗଡ଼ା ଅଫିସ/ ରାୟଗଡ଼ା(ସ୍ୱ.ପ୍ର.)/ ଗୁଣପୁର/ ମୁନିଗୁଡ଼ା,୧୬।୨(ଡି.ଏନ୍.ଏ.)

ପ୍ରଧାନମନ୍ତ୍ରୀ ଗରିବ କଲ୍ୟାଣ ଅନ୍ନ ଯୋଜନା (ପିଏମ୍‌ଜିକେଏୱାଇ)କୁ ପୁଣି ଆରମ୍ଭ କରିବାକୁ ବିଜେଡି ଦାବି କରିଛି। ଏ ନେଇ ରଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ଜିଲାପାଳଙ୍କୁ ପ୍ରଦାନ କରାଯାଇଛି। ବିଜେଡି ରାଜ୍ୟ ସଭାପତିଙ୍କ ନିର୍ଦ୍ଦେଶ କ୍ରମେ ରାୟଗଡ଼ା ଜିଲା କାର୍ଯ୍ୟାଳୟ ସମେତ ପୌର କାର୍ଯ୍ୟାଳୟ ଏବଂ ସମସ୍ତ ବ୍ଲକ କାର୍ଯ୍ୟାଳୟ ଘେରାଉ କରାଯାଇ ବିଜେଡି ପକ୍ଷରୁ ଏହି ଦାବିପତ୍ର ପ୍ରଦାନ କରାଯାଇଛି। ଜିଲାପାଳଙ୍କ ଅନୁପସ୍ଥିତିରେ ଅତିରିକ୍ତ ଜିଲାପାଳ ଧର୍ମାନନ୍ଦ ବେହେରା ଦାବିପତ୍ର ଗ୍ରହଣ କରିଥିଲେ। ପ୍ରଧାନମନ୍ତ୍ରୀ ଗରିବ କଲ୍ୟାଣ ଅନ୍ନ ଯୋଜନାକୁ ଚାଲୁ କରି ଗରିବ ହିତାଧିକାରୀଙ୍କୁ ମାଗଣା ୫ କେଜି ଚାଉଳ ପ୍ରଦାନ କରିବାକୁ ବିଜେଡି ଦାବି କରିଛି। ସେହିଭଳି ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ଉଜ୍ଜ୍ୱଳା ଯୋଜନା ଆଦିରେ ଓଡ଼ିଶାର ଗରିବ ହିତାଧିକାରୀଙ୍କୁ କେନ୍ଦ୍ର ସରକାର ଅଣଦେଖା କରୁଛନ୍ତି ବୋଲି ବିଜେଡ଼ି ଜିଲା ସଭାପତି ସୁଧୀର ଦାସ ଅଭିଯୋଗ କରିଛନ୍ତି।



ରାୟଗଡ଼ାଠାରେ ବିଜେଡି ପକ୍ଷରୁ ଦାବିପତ୍ର ପ୍ରଦାନ କରାଯାଉଛି ।

ଦାବିପତ୍ର ପ୍ରଦାନ ବେଳେ ରାୟଗଡ଼ା ଜିଲା ବିଜେଡି ସଭାପତି ସୁଧୀର ଦାସଙ୍କ ସମେତ ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧ୍ୟକ୍ଷା ଅନୁସୂୟା ମାଝି, ଜିଲା ପରିଷଦ ଅଧ୍ୟକ୍ଷା ସରସ୍ୱତୀ ମାଝି, ଜିଲା ପରିଷଦ ସଭ୍ୟ ଧବଳେଶ୍ୱର ନାଇଡୁ, ଜିଲା ଯୁବ ସଭାପତି ଦେବାଶିଷ ଖାଡ଼ଙ୍ଗା, ନଗର ସଭାପତି ସତ୍ୟ ନାରାୟଣ ପାଢ଼ୀ, ପୂର୍ବତନ ଜିଲା ପରିଷଦ ସଭ୍ୟ ପି.ଗୌରୀ ଶଙ୍କର ଓ ଶତାଧିକ ବିଜେଡି କର୍ମୀ ଉପସ୍ଥିତ ଥିଲେ। ସେହିଭଳି ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ବ୍ଲକ ଅଧ୍ୟକ୍ଷା ଚୁନି ହୁଇକାଙ୍କ ନେତୃତ୍ୱରେ ସମସ୍ତ ସମିତି ସଭ୍ୟା ସଭ୍ୟ ଓ ପୌର କାର୍ଯ୍ୟାଳୟ ସମ୍ମୁଖରେ ପୌରାଧ୍ୟକ୍ଷ ପି. ମହେଶ ପଟ୍ଟନାୟକଙ୍କ ନେତୃତ୍ୱରେ ଉପାଧ୍ୟକ୍ଷା ଶୁଭ୍ରା ପଣ୍ଡା ଓ ସମସ୍ତ ବିଜେଡି କାଉନସିଲର ଉପସ୍ଥିତ ରହି କେନ୍ଦ୍ର ସରକାରଙ୍କ ବିରୋଧରେ ବିକ୍ଷୋଭ ପ୍ରଦର୍ଶନ ସହ ବଡିଓ ଏବଂ ପୌର ନିର୍ବାହୀ ଅଧିକାରୀଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ।

ଗୁଣପୁର ବ୍ଲକ ଏବଂ ପୌରାଞ୍ଚଳରେ ମଧ ଦଳ ପକ୍ଷରୁ ପ୍ରତିବାଦ କରାଯାଇଛି।

### ବିଜେଡି ପକ୍ଷରୁ ଦାବିପତ୍ର

ପୌର ପରିଷଦ କାର୍ଯ୍ୟାଳୟଠାରେ ବିଧାୟକ ରଘୁନାଥ ଗମାଙ୍ଗ, ନଗର ସଭାପତି ରାମଚନ୍ଦ୍ର ପଣ୍ଡା, ମୁନା ପାଣି, ଏସ୍. ବାବା ପ୍ରସାଦ, ସନ୍ତୋଷ ଗୁରୁ, ଜିତୁ ପଣ୍ଡା ପ୍ରମୁଖ ଉପସ୍ଥିତ ଥିବାବେଳେ ବ୍ଲକ କାର୍ଯ୍ୟାଳୟ ଠାରେ ବ୍ଲକ ସଭାପତି ଶ୍ରୀନିବାସ ଶତପଥୀ, ଯୁବ ନେତା ପିଙ୍କୁ ପଣ୍ଡା, ଅଶ୍ୱିନି ଗମାଙ୍ଗଙ୍କ ନେତୃତ୍ୱରେ ବହୁ ବିଜେଡି ନେତାଙ୍କ ଉପସ୍ଥିତିରେ କାର୍ଯ୍ୟକ୍ରମ ସମ୍ପାଦିତ ହୋଇଥିଲା। ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକ ପତ୍ର ଭାରପ୍ରାପ୍ତ ପୌର ପରିଷଦ ନିର୍ବାହୀ ଅଧିକାରି ତଥା ବିଡିଓ ପ୍ରଭାତି ଝୋଡ଼ିଆଙ୍କୁ ପ୍ରଦାନ କରାଯାଇଥିଲା।

ମୁନିଗୁଡ଼ା ବ୍ଲକ ବିଜେଡି ପକ୍ଷରୁ ପ୍ରଧାନମନ୍ତ୍ରୀ ଗରିବ କଲ୍ୟାଣ ଯୋଜନାରେ ରାଜ୍ୟର ଗରିବ ପରିବାରକୁ ମୁଣ୍ଡପିଛା ୫ କେଜି ଚାଉଳ ଯୋଗାଣ ବନ୍ଦ ନିଷ୍ପତ୍ତିକୁ ବିରୋଧ କରି ଗୁରୁବାର ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦିଆଯାଇଥିଲା। ସଭାପତି ରତନଲାଲ ଜୈନଙ୍କ ନେତୃତ୍ୱରେ ପ୍ରତିବାଦ ସଭା କରାଯିବା ସହ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା।

**ଗଞ୍ଜେଇ ଚୋରାଚାଲାଣ ଅଭିଯୋଗରେ ବାପ ପୁଅ ଗିରଫ**

ବୈପାରିଗୁଡା,(ଡି.ଏନ୍.ଏ.)- ଗଞ୍ଜେଇ ଚୋରାଚାଲାଣ କରିବା ଅଭିଯୋଗରେ ଗୁରୁବାର ବୈପାରିଗୁଡା ପୋଲିସ୍ ୨ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେମାନେ ହେଲେ ସ୍ଥାନୀୟ ଅଞ୍ଚଳର ଡକ୍ରୁ ସ୍ୱାଇଁ ଏବଂ ତାଙ୍କ ପୁଅ ସିମାଞ୍ଚଳ ସ୍ୱାଇଁ। ବୁଧବାର ସେମାନେ ବାହାରକୁ ଗଞ୍ଜେଇ ଚାଲାଣ ନେଇ ଯୋଜନା କରୁଥିବା ବେଳେ ଚଢାଉ କରି ସେମାନଙ୍କଠାରୁ ୨୧ କିଲୋ ୨ ଶହ ଗ୍ରାମ ଗଞ୍ଜେଇ ଜବତ କରାଯାଇଥିଲା। କେସ୍ ନଂ. ୩୭/୨୩ ରେ ମାମଲା ରୁଜୁ ହୋଇ ତଦନ୍ତ ଜାରି ରହିଛି।

## ସଂକ୍ଷେପରେ

### 'ଜଙ୍ଗଲ ନ ଥିଲେ, ମଙ୍ଗଳ ନାହିଁ

#### ବନ ବିଭାଗ ପକ୍ଷରୁ ସଚେତନତା କାର୍ଯ୍ୟକ୍ରମ

ଚନ୍ଦାହାଣ୍ଡି, ୧୬।୨(ଡି.ଏନ୍.ଏ.)- ନବରଙ୍ଗପୁର ଜିଲା ଚନ୍ଦାହାଣ୍ଡି ବ୍ଲକ ଅଧୀନ ଫଟକି ପଞ୍ଚାୟତ ବତାଝରରେ ଜଙ୍ଗଲ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ କରାଯାଇଛି। ମୋହୋରା ସେକ୍ସନର ଜଙ୍ଗଲ ସୁରକ୍ଷା ଦାୟିତ୍ୱରେ ଥିବା ଲୋକେ ଏଥିରେ ଯୋଗଦେଇଥିଲେ। ବନପାଳ ପ୍ରଦୀପ ଦାଶଙ୍କ ଅଧକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ଅଜୟ ଦେଓ ଏବଂ ଦେବିସିଂ ଖର୍ସେଲ ମଞ୍ଚ ପରିଚାଳନା କରିଥିଲେ। ସ୍ଥାନୀୟ ସମିତି ସଭ୍ୟ ସନ୍ତୋଷ ପଟ୍ଟନାୟକ ମୁଖ୍ୟ ଅତିଥିଭାବେ ଯୋଗଦେଇ ଜଙ୍ଗଲ ସୁରକ୍ଷା ସମ୍ପର୍କରେ ମତ ରଖିଥିଲେ। ଜଙ୍ଗଲ ସୁରକ୍ଷା, ଜୀବନ ରକ୍ଷା, ଜଙ୍ଗଲ ବଞ୍ଚିଲେ ଏ ଜୀବଜଗତ ବଞ୍ଚିବ, ଜଙ୍ଗଲର ସୁରକ୍ଷା ଆମର ଦାୟିତ୍ୱ 'ଜଙ୍ଗଲ ନ ଥିଲେ ମଙ୍ଗଳ ନାହିଁ ସମ୍ପର୍କରେ ଅତିଥିମାନେ କହିଥିଲେ। ଜଙ୍ଗଲ ଭଗବାନଙ୍କ ରୂପ କହିଲେ ଅତ୍ୟୁକ୍ତି ହେବ ନାହିଁ। କିନ୍ତୁ ମଣିଷ ତା'ର ସ୍ୱାର୍ଥ ପାଇଁ ଜଙ୍ଗଲ ପୋଡ଼ି ନଷ୍ଟ କରିଦେଉଛି। ଫଳରେ ବହୁ ଧନ ଜୀବନ ନଷ୍ଟ ହେଉଛି ବୋଲି ଅତିଥି କହିଥିଲେ। ଜଙ୍ଗଲ ସୁରକ୍ଷା ଉପରେ ଉପସ୍ଥିତ ଲୋକଙ୍କ ମତାମତ ଲୋଡ଼ିଥିଲେ। ଜଙ୍ଗଲରେ ନିଆଁ ଲଗାଇବା ଲୋକଙ୍କ ଉପରେ ବନ ବିଭାଗ ନିୟମାନୁଯାୟୀ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ କହିଥିଲେ। କାର୍ଯ୍ୟକ୍ରମରେ ଜଙ୍ଗଲ ବିଭାଗୀୟ କର୍ମଚାରୀ ପରେଶ ବିଷୋୟୀ,ଏମ୍‌ଡି ଫାରୁକ୍, ଶ୍ୟାମସୁନ୍ଦର ଗୌଡ଼, ମନ୍ଧର ଭାଟି, ଅନ୍ତରାମ ଝାଙ୍କର, ଜଗନ୍ନାଥ ସନ୍ତା, ଦେଞ୍ଜନ ମାଝି, ଲକ୍ଷ୍ମଣ ଚଣ୍ଡୀ, ସନୁ ମାଝି, ବଲ୍ଲଭ ମାଝି, ତିରନ୍ ମାଝି,ଦାସ ଗୌଡ, କମଲ ମାଝି, ଖାମେଶର ଦିନାରି, ଗୋବିନ୍ଦ ଦିନାରି, କୈଳାସ ଭାଟି,କୃଷ୍ଣ କନେର,ଆକାଳ ମାଝି,ପ୍ରମୁଖ ଯୋଗ ଦେଇଥିଲେ।

### ବିଭିନ୍ନ ପ୍ରକଳ୍ପ ଶୁଭ ଉଦ୍‌ଘାଟନ କଲେ ଏମ୍‌ପି, ବିଧାୟକ

ଚନ୍ଦାହାଣ୍ଡି, ୧୬।୨(ଡି.ଏନ୍.ଏ.)- ନବରଙ୍ଗପୁର ଜିଲା ଚନ୍ଦାହାଣ୍ଡି ବ୍ଲକ ବିଭିନ୍ନ ପଞ୍ଚାୟତରେ ଉନ୍ନୟନ ପ୍ରକଳ୍ପକୁ ନବରଙ୍ଗପୁର ଏମ୍‌ପି ରମେଶ ଚନ୍ଦ୍ର ମାଝି ଓ ଝରିଗାଁ ବିଧାୟକ ଇଂ. ପ୍ରକାଶ ଚନ୍ଦ୍ର ମାଝି ଉଦ୍‌ଘାଟନ କରିଛନ୍ତି। ପ୍ରଥମେ ଜମାଦାରପଡ଼ା ପଞ୍ଚାୟତ କଲ୍ୟାଣ ମଣ୍ଡପ ଉଦ୍‌ଘାଟନ କରି ଦ୍ୱିତୀୟରେ ଚନ୍ଦାହାଣ୍ଡି ପଞ୍ଚାୟତ ଗସ୍ତ କରିଥିଲେ। ହସ୍ପିଟାଲର ଏକ୍ସ-ରେ ଗୃହ ଏବଂ ପରେ ଯାଦବ ମାଝି ଶିଶୁ ଉଦ୍ୟାନ ଓ କଲ୍ୟାଣ ମଣ୍ଡପ ଉଦ୍‌ଘାଟନ କରିଥିଲେ। ସେଠାରୁ ମୋହରା ପଞ୍ଚାୟତରେ ନୂତନ ଭାବେ ନିର୍ମିତ ଜିମ୍ ସେଣ୍ଟର ଏବଂ ପୂଜାରୀଗୁଡ଼ାର ଅଙ୍ଗନୱାଡି କେନ୍ଦ୍ର ଗୃହ, ଦଳବେଡାର କୁହୁରାକୋଟ-କରାଡ଼ଙ୍ଗରି ରାସ୍ତାରେ ବ୍ରିଜ୍ ନିର୍ମାଣର ଶୁଭାରମ୍ଭ, ଧୋଡ଼ିପାଣି ପଞ୍ଚାୟତର ଗ୍ରାମ୍ୟ ହାଟ ଉଦ୍‌ଘାଟନ କରିଥିଲେ। ଶେଷରେ ମାଲଗାଁ କଲ୍ୟାଣ ମଣ୍ଡପ ଉଦ୍‌ଘାଟନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ଓଏଲ୍‌ଆଇସି ଉପଦେଷ୍ଟା ପ୍ରମୋଦ ପାଢ଼ୀ, ଅତିରିକ୍ତ ଜିଲାପାଳ ଭାସ୍କର ରଇତ, ବ୍ଲକ ଅଧକ୍ଷା ସୁମିତ୍ରା ପୂଜାରୀ, ଉପାଧକ୍ଷ ବାସୁଦେବ ଗୌଡ଼, ଜିଲା ପରିଷଦ ସଭ୍ୟା ବର୍ଷାରାଣୀ ପଟେଲ ଓ କେତକୀମଲ୍ଲୀ ଗୌଡ଼, ବିଡିଓ ଧର୍ମରାଜ ମାଝି, ସାମାଜିକ କର୍ମୀ ଗୌରହରି ନାୟକ, ଯୁବରାଜ ଜଗତ, ମାଲଗାଁ ସମିତି ସଭ୍ୟ କ୍ଷୀରଦେଈ ଚଣ୍ଡୀ, ସରପଞ୍ଚ କୃଷ୍ଣ ଜାନି, ବ୍ଲକ ସହକାରୀ ଯନ୍ତ୍ରୀ ଥୟକୁମାର ପଟେଲ,କନିଷ୍ଠ ଯନ୍ତ୍ରୀ ଅରବିନ୍ଦ ବେହେରା ଓ ବିଭାଗୀୟ କର୍ମଚାରୀଙ୍କ ସମେତ ଅଞ୍ଚଳବାସୀ ଉପସ୍ଥିତ ଥିଲେ।

# ବିଦ୍ୟୁତ୍ ସଂଯୋଗ କାଟିବାକୁ ଆସିଥିବା କର୍ମଚାରୀଙ୍କୁ ତାଲା

ପାପଡ଼ାହାଣ୍ଡି,୧୬।୨(ଡି.ଏନ୍.ଏ.)

ବିଦ୍ୟୁତ୍ ବିଲ୍ ଆଦାୟ କରିବା ବେଳେ କର୍ମଚାରୀଙ୍କୁ ହଟହଟା ହେବାକୁ ପଡ଼ିଛି। ବିଲ୍ ପୈଠ ହୋଇ ନ ଥିବା ଘରୁ ବିଦ୍ୟୁତ୍ ସଂଯୋଗ କାଟିବାବେଳେ ଗ୍ରାମର ମହିଳାମାନେ ତାଙ୍କୁ ତାଲା ପକାଇ ରଖିଥିଲେ। ନବରଙ୍ଗପୁର ଜିଲା ପାପଡ଼ାହାଣ୍ଡି ବ୍ଲକ ଜଟାବାଲ ପଞ୍ଚାୟତ ସଦର ଅଞ୍ଚଳରେ ଏପରି ଘଟଣା ଘଟିଛି। ସାମାଜିକ କର୍ମୀଙ୍କ ହସ୍ତକ୍ଷେପ ପରେ ମହିଳାମାନେ ତାଲା ଖୋଲିଥିଲେ। ଗାଁରେ ଲାଗି ରହିଥିବା ବିଦ୍ୟୁତ୍ ସମସ୍ୟା ସମାଧାନ ନ ହେଲେ ପୁଣି ଏଭଳି ପରିସ୍ଥିତି ଉପୁଜିବ ବୋଲି ଗ୍ରାମବାସୀ ଚେତାବନୀ ଦେଇଛନ୍ତି। ଏଥିସହ ଘରେ ପୁନଃ ବିଦ୍ୟୁତ୍ ସଂଯୋଗ କରିବାକୁ ସେମାନେ ଦାବି କରିଛନ୍ତି।

ସୂଚନାନୁଯାୟୀ, ଜଟାବାଲ ଗ୍ରାମର ମହାମୟୀ ଓ ନାୟକସାହିର ବକେୟା ବିଦ୍ୟୁତ୍ ବିଲ୍ ଆଦାୟ ଲାଗି କର୍ମଚାରୀମାନେ ଆସିଥିଲେ। ସାହିର ପ୍ରାୟ ୧୦ ଘରର


ମହିଳାମାନେ ବିଦ୍ୟୁତ୍ କର୍ମଚାରୀଙ୍କୁ ତାଲା ପକାଇଛନ୍ତି।

ବିଦ୍ୟୁତ୍ ସଂଯୋଗ ସେମାନେ କାଟିଥିଲେ। ମହିଳାମାନେ ବିଦ୍ୟୁତ୍ କାଟ ନ କରିବା ଲାଗି ନିବେଦନ କରିଥିଲେ। କିଛିଦିନ ଭିତରେ ବିଲ୍ ପୈଠ କରିବେ ବୋଲି ସେମାନେ କହିଥିଲେ। କିନ୍ତୁ କର୍ମଚାରୀମାନେ ଏହା ଶୁଣି ନ ଥିଲେ। ଫଳରେ ଏହାକୁ ନେଇ ଉତ୍ତେଜନା ଦେଖାଦେଇଥିଲା। ଗ୍ରାମର ବଡ଼ବଡ଼ିଆଙ୍କ ଅଧିକ ବିଲ୍ ଆସିଥିବା ବେଳେ ସେମାନଙ୍କ ବିଦ୍ୟୁତ୍ କଟା ହୋଇ ନ ଥିବାବେଳେ ବିଭାଗ ଗରିବଙ୍କ ଉପରେ ଦାଉ ସାଧୁଛି ବୋଲି ମହିଳାମାନେ କହିଛନ୍ତି। ୨୦୧୭ରେ ଗ୍ରାମର ଥିବା ୩୩ କେଭି ଟ୍ରାନ୍ସଫର୍ମରକୁ ବିଭାଗ ମରାମତି କରିବାକୁ କହି କାଢ଼ି ନେଇଗଲେ। ଟ୍ରାନ୍ସଫର୍ମର ପିଣ୍ଡି ବସିବା ଲାଗି ଗ୍ରାମବାସୀ ୪୦ହଜାରରୁ ଊର୍ଦ୍ଧ୍ୱ ଟଙ୍କା ଆଦାୟ କରିଦେଇଥିଲେ । କିନ୍ତୁ ୧୧ କେଭି ଟ୍ରାନ୍ସଫର୍ମର ଦେଇ ବିଭାଗ ତୁନି ରହିଯାଇଛି। ଫଳରେ ଗ୍ରାମରେ ବିଦ୍ୟୁତ୍ ସମସ୍ୟା ଲାଗି ରହୁଛି। ଏହିସବୁ ସମସ୍ୟା ସମାଧାନ କରିବାକୁ ମହିଳାମାନେ ଦାବି କରିଛନ୍ତି। ଉପରିସ୍ଥ କର୍ମଚାରୀଙ୍କ ନିର୍ଦ୍ଦେଶକ୍ରମେ ସେମାନେ ବିଦ୍ୟୁତ୍ କାଟ କରିବାକୁ ଆସିଥିଲେ ବୋଲି କର୍ମଚାରୀମାନେ କହିଛନ୍ତି। ଏସ୍‌ଡିଓ ଜଣେ ସାମାଜିକ କର୍ମୀଙ୍କୁ ଗାଁର ମହିଳାଙ୍କୁ ବୁଝାଶୁଝା କରିବାକୁ କହିଥିଲେ। ସାମାଜିକ କର୍ମୀଙ୍କ ହସ୍ତକ୍ଷେପ ପରେ ମହିଳାମାନେ ଅପରାହ୍ନ ୫ଟା ପରେ ତାଲା ଖୋଲିଥିଲେ। ସମସ୍ୟା ସମାଧାନ ନ କରି ପୁଣି ବିଦ୍ୟୁତ୍‌କାଟ କରିବାକୁ ଆସିଲେ କର୍ମଚାରୀଙ୍କୁ ପୁନଃ ତାଲା ପକାଇବେ ବୋଲି ଗ୍ରାମବାସୀ କହିଛନ୍ତି। ଏ ନେଇ ଏସ୍‌ଡିଓ ନବୀନ କୁମାର ପାଢ଼ୀଙ୍କୁ ପଚାରିବାରୁ ଅଧିକାରୀଙ୍କ ନିର୍ଦ୍ଦେଶକ୍ରମେ ଏଜେନ୍ସି କର୍ମଚାରୀମାନେ ବିଦ୍ୟୁତ୍ କାଟ କରିବାକୁ ଯାଇଥିଲେ। ଗ୍ରାମବାସୀଙ୍କ ଯାହା ସମସ୍ୟା ରହିଛି ସେ ନେଇ ଏଠାକୁ ଆସି ଜଣାଇଲେ ସମାଧାନ ଦିଗରେ କାର୍ଯ୍ୟ କରାଯିବ ବୋଲି ସେ କହିଛନ୍ତି।

## ଏସ୍‌ଏସ୍‌ଡି ହାଇସ୍କୁଲ ବାର୍ଷିକ ଉତ୍ସବ


କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

ଚନ୍ଦାହାଣ୍ଡି, ୧୬।୨(ଡି.ଏନ୍.ଏ.)

ନବରଙ୍ଗପୁର ଜିଲା ଚନ୍ଦାହାଣ୍ଡି ବ୍ଲକ ଧୋଡ଼ିପାଣି ଏସ୍‌ଏସ୍‌ଡି ହାଇସ୍କୁଲର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ରଘୁମଣି ଜାନିଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ନବରଙ୍ଗପୁର ଏମ୍‌ପି ରମେଶ ଚନ୍ଦ୍ର ମାଝି ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ଝରିଗାଁ ବିଧାୟକ ଇଂ. ପ୍ରକାଶ ଚନ୍ଦ୍ର ମାଝି ସ୍ୱତନ୍ତ୍ର ଅତିଥି, ଓଏଲ୍‌ଆଇସି ଉପଦେଷ୍ଟା ପ୍ରମୋଦ ପାଢ଼ୀ ମୁଖ୍ୟବକ୍ତା, ଅତିରିକ୍ତ ଜିଲାପାଳ ଭାସ୍କର ରଇତ, ବ୍ଲକ ଅଧକ୍ଷା ସୁମିତ୍ରା ପୂଜାରୀ, ଉପାଧକ୍ଷ ବାସୁଦେବ ଗୌଡ଼, ଜିଲା ପରିଷଦ ସଭ୍ୟା ବର୍ଷାରାଣୀ ପଟେଲ ଓ କେତକୀମଲ୍ଲୀ ଗୌଡ଼, ବିଡିଓ ଧର୍ମରାଜ ମାଝି, ଏବିଇଓ ନୀଳକଣ୍ଠ ଦାଶ, ସାମାଜିକ କର୍ମୀ ଗୌରହରି ନାୟକ, ଯୁବରାଜ ଜଗତ, ବଳରାମ ପଟ୍ଟନାୟକ ,କିଶୋର ଖମାରି, ଝୁମୁକଲାଲ ସାହୁ, ନୀଳମଣି ଗୌଡ଼, ମାଲଗାଁ ହାଇସ୍କୁଲ ପ୍ରଧାନ ଶିକ୍ଷକ ନରେଶ ଜୋଷୀ, ଦଳବେଡା ବାଳିକା ହାଇସ୍କୁଲ ପ୍ରଧାନ ଶିକ୍ଷକ ହୃଷୀକେଶ ସାହୁ, ଧୋଡ଼ିପାଣି ବିଦ୍ୟାଳୟ ପରିଚାଳନା କମିଟି ସଭାପତି ରତନ ନାୟକ ମଞ୍ଚାସୀନ ଥିଲେ। ଏହା ପରେ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ନୃତ୍ୟ ପରିବେଷଣ କରାଯାଇଥିଲା । ଏହି ଅବସରରେ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ଅତିଥି ପୁରସ୍କୃତ କରିଥିଲେ। ଶିକ୍ଷକ କୃଷ୍ଣଚନ୍ଦ୍ର ମହାପାତ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। କୃଷ୍ଣଚନ୍ଦ୍ର ନାୟକ, ମୃତ୍ୟୁଞ୍ଜୟ ଷଡ଼ଙ୍ଗୀ, ସ୍ୱସ୍ତି ପାଣି, ଗୋଲାପୀ ସ୍ୱାଇଁ, ଦୀପାଂଶୁ କୁଣ୍ଡୁଙ୍କ ସମେତ ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ଓ କର୍ମଚାରୀ ଯୋଗଦେଇଥିଲେ।

# ଚନ୍ଦ୍ରପୁରକୁ ହରାଇ ପାପଡ଼ାହାଣ୍ଡି ଲିଜେଣ୍ଡ ଦଳ ଚାମ୍ପିୟନ


ବିଜୟୀ ଦଳର ଖେଳାଳିମାନେ ।

**ଲିଜେଣ୍ଡ କ୍ରିକେଟ ଟୁର୍ନାମେଣ୍ଟ**

ପାପଡ଼ାହାଣ୍ଡି/ମଇଦଳପୁର, ୧୬।୨(ଡି.ଏନ୍.ଏ.)

ନବରଙ୍ଗପୁର ଜିଲା ପାପଡ଼ାହାଣ୍ଡି ବ୍ଲକ ମଇଦଳପୁର ବନ ଭାରତୀ ମହାବିଦ୍ୟାଳୟ ଖେଳ ପଡ଼ିଆରେ ଚାଲିଥିବା ଲିଜେଣ୍ଡ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ଟୁର୍ନାମେଣ୍ଟରେ ମୋଟ ୮ଟି ଦଳ ଭାଗ ନେଇଥିଲେ। ପାପଡ଼ାହାଣ୍ଡି ଲିଜେଣ୍ଡ ଓ ଚନ୍ଦ୍ରପୁର ଲିଜେଣ୍ଡ ଦଳ ମଧ୍ୟରେ ଫାଇନାଲ ମ୍ୟାଚ ଖେଳାଯାଇଥିଲା। ଏଥିରେ ପାପଡ଼ାହାଣ୍ଡି ଲିଜେଣ୍ଡ ବିଜୟୀ ହୋଇଛି।

ପ୍ରଥମେ ବ୍ୟାଟିଂ କରି ୧୩ ଓଭରରେ ପାପଡ଼ାହାଣ୍ଡି ଲିଜେଣ୍ଡ ଦଳ ୩ ଉଇକେଟ ହରାଇ ୧୭୬ ରନ ସଂଗ୍ରହ କରିଥିଲା। ଜବାବରେ ଚନ୍ଦ୍ରପୁର ଲିଜେଣ୍ଡ ଦଳ ୧୦ ଉଇକେଟ ହରାଇ ୬୪ ରନ କରିଥିଲା। ଫାଇନାଲ ମ୍ୟାଚରେ ଦିଲୀପ କୁମାର ପଟ୍ଟନାୟକ ଓ ସନ୍ତୋଷ କୁମାର ପାଣିଗ୍ରାହୀ ଅମ୍ପାୟର ଓ ରିଙ୍କୁ ବାଘ, ପରମେଶ ନାୟକ, ଦେବେନ୍ଦ୍ର ଦୀପ ଭାଷ୍ୟକାର ଦାୟିତ୍ୱ ତୁଲାଇଥିଲେ। ଉଦ୍‌ଯାପନୀ ଦିବସରେ ପାପଡ଼ାହାଣ୍ଡି ତହସିଲଦାର ଯୋଗେଶ୍ୱର ଭୋଇ ମୁଖ୍ୟ ଅତିଥି, ଏସ୍‌ଡିପିଓ ଆଦିତ୍ୟ ସେନ, ମଇଦଳପୁର ଥାନାଧିକାରୀ ନଟବର ନନ୍ଦ, କଲେଜ ଅଧ୍ୟାପକ ବାଳକୃଷ୍ଣ ବିଷୋୟୀ , ସବ୍‌ଇନ୍‌ସପେକ୍ଟର ଶିବାଜୀ ପଣ୍ଡା, ମଇଦଳପୁର ସରପଞ୍ଚ ଚନ୍ଦ୍ରଧ୍ୱଜ ମାଝି ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ଅତିଥିମାନେ ଚାମ୍ପିୟନ ପାପଡ଼ାହାଣ୍ଡି ଦଳକୁ ୮୮୮୮ ଟଙ୍କା, ରନର୍ସ ଅପ୍ ଚନ୍ଦ୍ରପୁର ଲିଜେଣ୍ଡକୁ ୬୬୬୬ ଟଙ୍କା ସହ ଟ୍ରଫି ପ୍ରଦାନ କରିଥିଲେ। ପାପଡ଼ାହାଣ୍ଡି ଲିଜେଣ୍ଡ ଦଳର ଥବିର ନାୟକଙ୍କୁ ମ୍ୟାନ୍ ଅଫ୍ ଦି ମ୍ୟାଚ, ପାପଡ଼ାହାଣ୍ଡିର ରମେଶ ସତ୍‌ନାମୀ ଶ୍ରେଷ୍ଠ ବ୍ୟାଟ୍ସମ୍ୟାନ, ମନୋଜ ନାୟକଙ୍କୁ ଶ୍ରେଷ୍ଠ ବୋଲର ଭାବେ ପୁରସ୍କୃତ କରାଯାଇଥିଲା। ଲିଜେଣ୍ଡ କ୍ରିକେଟ ଟୁର୍ନାମେଣ୍ଟ କର୍ମକର୍ତ୍ତା ସନ୍ତୋଷ କୁମାର, କୈଳାସ ଗୁପ୍ତା, ଗିରିଧର ହରିଜନ, ବାଲକୃଷ୍ଣ ନିଆଲ, ଧନପତି ହରିଜନ, ଦୁର୍ଯ୍ୟୋଧନ ପଞ୍ଜିଆ, ସୁବାସ ପଞ୍ଜିଆ, କିଶୋର ବିଷୋୟୀ, ଧରଣୀ କମାର୍ଲା, ଯୁବରାଜ ହରିଜନ, ବିନୟ ଆଚାରୀ ପ୍ରମୁଖ ପରିଚାଳନା କରିଥିଲେ।

## ରିଲାଏନ୍ସ ବସ୍ ଉପରେ ଆରଟିଓ ଚଢାଉ: ୧୦ ହଜାର ଜରିମାନା

କୋରାପୁଟ,୧୬।୨(ସ୍ୱ.ପ୍ର.)

କୋରାପୁଟ ଜିଲା ଦେଇ ଯାଉଥିବା କେତେକ ଘରୋଇ ବସ୍ ବିନା ପରିମଟ୍‌ରେ ଯାତ୍ରୀ ପରିବହନ କରୁଥିବା ନେଇ ଜିଲା ପରିବହନ ବିଭାଗ ନିକଟରେ ଅଭିଯୋଗ ହୋଇ ଆସୁଥିଲା। ଏହାକୁ ଆଞ୍ଚଳିକ ପରିବହନ ବିଭାଗ ଗୁରୁତ୍ୱ ଦେଇ ଗୁରୁବାର ଚଢାଉ କରି ରିଲାଏନ୍ସ ଘରୋଇ ବସ୍‌ଠାରୁ ୧୦ ହଜାର ଟଙ୍କା ଜରିମାନା ଆଦାୟ କରିଛି। ବିନା ପରିମିଟରେ ଯାତ୍ରୀ ପରିବହନ କରୁଥିବା ଦୂରଗାମୀ ରାତ୍ରୀକାଳିନ ବସ୍ ଉପରେ ଏହି ଚଢାଉ ହୋଇଛି। ଗତ କିଛି ଦିନ ତଳେ ଏକ ଘରୋଇ ବସ୍‌କୁ ପରିବହନ ବିଭାଗ ସେମିଳିଗୁଡାଠାରେ ଜବତ କରିଥିଲା। ଗୁରୁବାର ମଧ୍ୟ ବିନା ପରିମିଟରେ ଭୁବନେଶ୍ୱରଠାରୁ ଜୟପୁର ଚଳାଚଳ କରୁଥିବା ରିଲାଏନ୍ସର (ଓଡି୦୨ବିଜି-୦୭୫୭) ବସ୍ ଉପରେ ସୁନାବେଡା ବସଷ୍ଟାଣ୍ଡଠାରେ ଚଢାଉ କରାଯାଇ ବସ୍‌କୁ ଜବତ କରାଯାଇଥିଲା। ପରିବହନ ବିଭାଗ ଗାଡି ଦେଖି ବସ୍ ଡ୍ରାଇଭର ଫେରାର ହୋଇଯାଇଛନ୍ତି। ବସ୍‌ରେ ଥିବା ଯାତ୍ରୀମାନେ ଅନ୍ୟ ଏକ ବସ୍‌ରେ ଜୟପୁର ଯାତ୍ରା କରିଥିଲେ ।

## ମରଣଯନ୍ତା ପାଲଟିଛି ପୂର୍ତ୍ତ ବିଭାଗ ରାସ୍ତା

ନବରଙ୍ଗପୁର,୧୬।୨(ବି.ପ୍ର.)

**ବିଭାଗୀୟ ଖାମଖିଆଲ ମନୋଭାବ ଉପରେ ବିଗିଡ଼ିଲେ ଜିଲା ଓକିଲ ସଂଘ ସଭାପତି, ଆଇନଜୀବୀ**

ପୂର୍ତ୍ତ ବିଭାଗର ମନମୁଖୀ କାର୍ଯ୍ୟକୁ ନେଇ ବର୍ଷିଲେ ଜିଲା ଓକିଲ ସଂଘ ସଭାପତି ନରସିଂହ ତ୍ରିପାଠୀ। ନବରଙ୍ଗପୁର ପୂର୍ତ୍ତ ବିଭାଗ ପକ୍ଷରୁ ସାଗରମୁଣ୍ଡା ପର୍ଯ୍ୟନ୍ତ ରାସ୍ତା ଖୋଳି ଦିଆଯାଇଛି। ହେଲେ ଦୀର୍ଘ ୩ମାସ ହେବ ବିଭାଗର ଖାମଖିଆଲି ମନୋଭାବ ଯୋଗୁ କାମ କାମ ଆଗେଇ ପାରୁନାହିଁ। ଅନ୍ୟପକ୍ଷରେ ଏହି ରାସ୍ତା ଉପରେ ହଜାର ହଜାର ଲୋକେ ନିର୍ଭର କରନ୍ତି। ଏବେ ରାସ୍ତା ମରଣଯନ୍ତା ପାଲଟିଛି। ବିଶେଷ କରି ଗର୍ଭବତୀ, ଛାତ୍ରୀଛାତ୍ର ଓ ଛୋଟ ଛୁଆଙ୍କ ପାଇଁ ଏହି ରାସ୍ତା ମରଣଯନ୍ତା ପାଲଟିଛି। ଧୂଳି ଓ ପଥର ଗୁଣ୍ଡ ଉଡ଼ି ବାୟୁ ପ୍ରଦୂଷଣ ହେବାରୁ ଲୋକଙ୍କ ପାଇଁ ନିଃଶ୍ୱାସ ନେବାପାଇଁ ଅସୁବିଧା ହେଉଛି। ଶ୍ୱାସରୋଗୀ ଏହି ରାସ୍ତାରେ ଅଣନିଃଶ୍ୱାସି ହୋଇପଡୁଛନ୍ତି। ବିଭାଗ ପକ୍ଷରୁ ୧୨ କିଲୋମିଟର ରାସ୍ତା ଖୋଳାଯାଇଛି। କିନ୍ତୁ ଏବେ ସୁଦ୍ଧା ଇଞ୍ଚେ ଜାଗା ଉପରେ ପିଚୁ କାହିଁକି ପଡ଼ି ପାରିଲା ନାହିଁ ବୋଲି ପ୍ରଶ୍ନ କରିଛନ୍ତି ନରସିଂହ ତ୍ରିପାଠୀ। ଯଥା ଶୀଘ୍ର ଏହି ରାସ୍ତା କାମକୁ ତ୍ୱରାନ୍ୱିତ କରା ନଗଲେ ଆଗାମୀ ଦିନରେ କଡ଼ା କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ସେ ଚେତାବନୀ ଦେଇଛନ୍ତି । ପୂର୍ତ୍ତ ବିଭାଗର ଗ୍ରାମାଞ୍ଚଳକୁ ଅବହେଳା ତଥା ଅଣଦେଖା କରୁଛି ବୋଲି ଯୁବ ଆଇନଜୀବୀ ତଥା ଉକ୍ତ ସମାଜିକ କର୍ମୀ ଶ୍ରୀକାନ୍ତ କୁମାର ପଣ୍ଡା କହିଛନ୍ତି। ଯଥାଶୀଘ୍ର ରାସ୍ତା କାର୍ଯ୍ୟ ଶେଷ ନ ହେଲେ ଆଗାମୀ ଦିନରେ ପରିସ୍ଥିତି ଅଣାୟତ୍ତ ହେବ ଓ ପୂର୍ତ୍ତ ବିଭାଗ ଏଥିପାଇଁ ଦାୟୀ ରହିବ ବୋଲି ସେ କହିଛନ୍ତି।

## ଜନଜାତିଙ୍କ ମଧ୍ୟରେ ପରିବର୍ତ୍ତନ ଆଣିଲେ ତାଙ୍କ ବିକାଶ ହେବ

ନବରଙ୍ଗପୁର,୧୬।୨(ବି.ପ୍ର.)

ନବରଙ୍ଗପୁର ଜିଲାରେ ନୂତନ ଭାବେ ଗଠିତ ସ୍ୱତନ୍ତ୍ର ଉନ୍ନୟନ ପରିଷଦ କମିଟିକୁ ସ୍ୱାଗତ ସମ୍ବର୍ଦ୍ଧନା ଉତ୍ସବ ସ୍ଥାନୀୟ ମିଶନ ଶକ୍ତି ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଛି। ସ୍ୱତନ୍ତ୍ର ଉନ୍ନୟନ ପରିଷଦର ରାଜ୍ୟ ଉପଦେଷ୍ଟା ପ୍ରଦୀପ କୁମାର ମାଝି ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଆଦିବାସୀ କଳା ଓ ସଂସ୍କୃତିର ବିକାଶରେ ସୀମିତ ନ ରହି ଆଗାମୀ ପିଢ଼ି ପାଇଁ କାମ କରିବାକୁ ପଡିବ ବୋଲି ସେମାନେ କହିଛନ୍ତି। ରାଜ୍ୟରେ ୬୨ ପ୍ରକାର ଜନଜାତି ରହୁଥିବା ବେଳେ ନବରଙ୍ଗପୁର ଜିଲାରେ ୧୩ ପ୍ରକାର ଜନଜାତି ଅଛନ୍ତି। ଏସ୍‌ଡିସି ମାଧ୍ୟମରେ ଜନଜାତିଙ୍କ ମଧ୍ୟରେ ପରିବର୍ତ୍ତନ କରିବାକୁ ପଡିବ ବୋଲି ସେ କହିଛନ୍ତି। ଜନଜାତି ସମାଜର ସମସ୍ୟା ଓ ସମାଧାନ ହୋଇପାରିଲେ ସେ ଅନ୍ୟ ସମାଜ ସହ ସମକକ୍ଷ ହୋଇପାରିବେ ବୋଲି ଏସଡିସି ରାଜ୍ୟ ଉପଦେଷ୍ଟା ମାଝି କହିଛନ୍ତି। ଅଦିବାସୀଙ୍କ ପାରମ୍ପରିକ ଜିନିଷକୁ ଡିଜିଟାଲ ବ୍ୟବସ୍ଥା ମାଧ୍ୟମରେ ଅନ୍ତର୍ଜାତୀୟସ୍ତରରେ ପହଞ୍ଚାଇବା ଉଦ୍ୟମ ଆରମ୍ଭ ହୋଇଛି ବୋଲି ସେ କହିଛନ୍ତି। ଏହି ସମ୍ବର୍ଦ୍ଧନା ଉତ୍ସବରେ ନବରଙ୍ଗପୁର ବିଧାୟକ ସଦାଶିବ ପ୍ରଧାନୀ, ଡାବୁଗାଁ ବିଧାୟକ ମନୋହର ରନ୍ଧାରୀ, ଜିଲାପରିଷଦ ଅଧ୍ୟକ୍ଷ ମୋତିରାମ ନାୟକ, ଏସଡିସି ଜିଲା ଅଧ୍ୟକ୍ଷ ଉପେନ୍ଦ୍ର ଗଣ୍ଡ, ଜିଲାପାଳ ଡଃ.କୋମଳ ଲୋଚନ ମିଶ୍ର ପ୍ରମୁଖ ଯୋଗଦେଇ ଥିଲେ। ନୂତନ ଭାବେ ଗଠନ ହୋଇଥିବା କମିଟିର ସଭ୍ୟଙ୍କୁ ଅତିଥି ସ୍ୱାଗତ ସମ୍ବର୍ଦ୍ଧନା ଦେଇଛନ୍ତି।

## ଜନ୍ମଦିନରେ ସମାଜସେବା ବାର୍ତ୍ତା ଦେଲେ ରାହୁଲ

କୋରାପୁଟ, ୧୬।୨(ସ୍ୱ.ପ୍ର.)

କୋରାପୁଟ ସହରର ଯୁବ ସମାଜିକ କର୍ମୀ ରାହୁଲ ପାଙ୍ଗି ନିଜ ଜନ୍ମ ଦିନରେ ସାଧାରଣ ଲୋକଙ୍କ ସେବାରେ ନିଜକୁ ସାମିଲ କରିବାକୁ ପରାମର୍ଶ ଦେଇଛନ୍ତି। ସେ ନିଜ ଜନ୍ମଦିନ ଗରିବ ଲୋକଙ୍କ ସହ ପାଳନ କରି ତାଙ୍କ ସାଙ୍ଗମାନଙ୍କୁ ମଧ୍ୟ ଅସହାୟ ଲୋକଙ୍କୁ ସହାୟତା ଯୋଗାଇଦେବାକୁ ପରାମର୍ଶ ଦେଇଛନ୍ତି। ଯୁବକମାନେ ସମାଜ ସେବାରେ ଅନୁପ୍ରାଣିତ ହେଲେ ସମାଜର ଉନ୍ନତି ହୋଇପାରିବ ବୋଲି ରାହୁଲ କହିଛନ୍ତି।

## ରାସ୍ତା ସଫେଇ କରି ପରିବେଶ ସୁରକ୍ଷା ବାର୍ତ୍ତା ଦେଲେ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ

ମାଥିଲି,୧୬।୨(ଡି.ଏନ.ଏ.)

ପରିବେଶ ସୁରକ୍ଷା ବାର୍ତ୍ତା ଦେଇ ଜଣେ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ପ୍ରହଲାଦ ଛଟେଇ ମାଥିଲି ବ୍ଲକ ଉଦୁଲିବେଡା ପଞ୍ଚାୟତର ଉଦୁଲିବେଡା ଗ୍ରାମ ମୁଖ୍ୟ ରାସ୍ତା ପାର୍ଶ୍ୱ ସଫେଇ କରିଛନ୍ତି। ଉଦୁଲିବେଡା ରାସ୍ତାର ମଧ୍ୟ ଭାଗରେ ଏକ କଲଭର୍ଟ ରହିଛି । ଲୋକେ ଘର ଓ ଆଖପାଖର ଅଳିଆ ଆଣି ଏହି କଲଭର୍ଟରେ ପକାଉଛନ୍ତି। ଫଳରେ ମଶା ବଂଶବିସ୍ତାର କରିବାରେ ସହାୟକ ହେଉଛି। ଏନେଇ ଅବସର ପ୍ରାପ୍ତ ପ୍ରଧାନଶିକ୍ଷକ ରାସ୍ତାର ଉଭୟ ପାର୍ଶ୍ୱ ସଫା ରଖିବାକୁ ଲୋକଙ୍କୁ ସଚେତନ କଲେ ମଧ୍ୟ କେହି ସହଯୋଗ କରୁନାହାନ୍ତି। ଶେଷରେ ସେ ନିଜେ ଦୁଇ ଦିନ ଧରି ରାସ୍ତା ସଫେଇ କରୁଛନ୍ତି। ସୂଚନାଯୋଗ୍ୟ, ସେ ପରିବେଶ ସୁରକ୍ଷା ଦିଗରେ କାର୍ଯ୍ୟ କରି ପ୍ରକୃତିବନ୍ଧୁ ପୁରସ୍କାର ପାଇଛନ୍ତି ।

## ସ୍ୱାସ୍ଥ୍ୟସେବା ବିପର୍ଯ୍ୟସ୍ତ,ଡାକ୍ତର ଅଭାବରୁ ରୋଗୀ ହନ୍ତସନ୍ତ

ନନ୍ଦାହାଣ୍ଡି,୧୬।୨(ଡି.ଏନ୍.ଏ.)

ସାଧାରଣ ଲୋକଙ୍କୁ ଉତ୍ତମ ସ୍ୱାସ୍ଥ୍ୟସେବା ଯୋଗାଇବା ପାଇଁ ସରକାରଙ୍କ ବିଭିନ୍ନ ଯୋଜନା କରି କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି। ଆଦିବାସୀ ଅଧ୍ୟୁଷିତ ଉପାନ୍ତ ଗ୍ରାମୀଣ ଅଞ୍ଚଳରେ ଲୋକଙ୍କୁ ଉତ୍ତମ ସ୍ୱାସ୍ଥ୍ୟସେବା ଯୋଗାଇଦେବା ପ୍ରତି ବିଶେଷ ଗୁରୁତ୍ୱ ଦେବାର ନିୟମ ରହିଛି। କିନ୍ତୁ ଏହାର ବ୍ୟତିକ୍ରମ ଦେଖାଦେଇଛି ନବରଙ୍ଗପୁର ଜିଲା ନନ୍ଦାହାଣ୍ଡି ବ୍ଲକରେ। ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ୬ଜଣ ଡାକ୍ତର ରହିବାର ବ୍ୟବସ୍ଥା ଥିବାବେଳେ କିନ୍ତୁ ଏଠାରେ କେବଳ ଜଣେ ମାତ୍ର ସ୍ଥାୟୀ ଡାକ୍ତର ଅଛନ୍ତି। ସେ ମଧ୍ୟ ଉଚ୍ଚ ଶିକ୍ଷା ପାଇଁ ଏବେ ଅନ୍ୟତ୍ର ଯାଇଥିବାର ସୂଚନା ମିଳିଛି। ସେହିଭଳି ବ୍ଲକର ଏକମ୍ବା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରର ଡାକ୍ତର ବୀରକିଶୋର ମାଝି ଏବଂ ଜଗନ୍ନାଥପୁର ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଡାକ୍ତର ନିବେଦିତା ଗୌଡ଼ଙ୍କୁ ଡେପୁଟେଶନରେ ନନ୍ଦାହାଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଅଣାଯାଇଛି। ଏହାପରେ ଏକମ୍ବା ଏବଂ ଜଗନ୍ନାଥପୁର ଅଞ୍ଚଳବାସୀ ସ୍ୱାସ୍ଥ୍ୟସେବାରୁ ବଞ୍ଚିତ ହେଉଛନ୍ତି। ସେହିଭଳି ମୋଟ ୬ ଜଣ ଷ୍ଟାଫ୍ ନର୍ସ ରହିବା ବଦଳରେ ଏଠାରେ ୨ ଜଣ ଏଏନ୍‌ଏମ୍‌ଙ୍କୁ ନର୍ସ ମାନଙ୍କ କାମ ତୁଲେଇବାକୁ ପଡୁଛି। ଯାହା ସେମାନଙ୍କ ପାଇଁ କଷ୍ଟସାଧ୍। ହାତ ଗଣତି ଅଳ୍ପ କିଛି ରକ୍ତ ପରୀକ୍ଷା କିଟ୍ ବ୍ୟବହାର କରି କରାଯାଉଛି। ମାଇକ୍ରୋସ୍କୋପିକ ରକ୍ତ ପରୀକ୍ଷାର କୌଣସି ସୁବିଧା ନ ଥିବାରୁ ସାଧାରଣ ଲୋକେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ରୋଗୀଙ୍କ ଶୋଇବା ପାଇଁ କୌଣସି ଗୃହ ନ ଥିବାରୁ ସବୁବେଳେ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇବାକୁ ବାଧ୍ୟ ହେଉଛନ୍ତି ଡାକ୍ତର। ଚିକିତ୍ସାଳୟର ଭିତ୍ତିଭୂମିର ବିକାଶ, ଡାକ୍ତର ଏବଂ କର୍ମଚାରୀ ଅଭାବ ଯୋଗୁ ସାଧାରଣ ଲୋକ ବହୁତ




ଅସୁବିଧାର ସମ୍ମୁଖୀନ ହେଉଥିଲେ ହେଁ କୌଣସି ଲୋକ ପ୍ରତିନିଧି ଏହାର ସମାଧାନ ପାଇଁ ଚେଷ୍ଟା ନ କରିବା ଅଞ୍ଚଳବାସୀଙ୍କୁ ବ୍ୟଥିତ କରିଛି। ଏ ନେଇ ସିଡିଏମ୍‌ଓ କାଳିପ୍ରସାଦ ବେହେରାଙ୍କୁ ଯୋଗାଯୋଗ କରିବାରୁ ସାରା ଜିଲାରେ ଆବଶ୍ୟକତାରୁ ବହୁ କମ୍ ଡାକ୍ତର ଥିବା ଯୋଗୁ ଏହିଭଳି ଅସୁବିଧା ହେଉଛି। ନନ୍ଦାହାଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଡାକ୍ତର ଯୋଗାଇବାକୁ ଚେଷ୍ଟା କରାଯିବ ବୋଲି ସେ କହିଛନ୍ତି। ସମସ୍ୟା ସମାଧାନ ନ ହେଲେ ଆଗାମୀ ଦିନରେ ଏକ ବିରାଟ ଜନ ଆନ୍ଦୋଳନ ହେବା ଆଶଙ୍କା ରହିଛି ବୋଲି ବୁଦ୍ଧିଜୀବୀ କହିଛନ୍ତି।

# କେନ୍ଦ୍ର ସରକାରଙ୍କ ଚାଉଳ କାଟ୍‌କୁ ବିରୋଧ

ପାପଡ଼ାହାଣ୍ଡି/ଡାବୁଗାଁ/ଚନ୍ଦାହାଣ୍ଡି/ଝରିଗାଁ, ୧୬।୨(ଡି.ଏନ୍.ଏ./ସ୍ୱ.ପ୍ର.)

**ବିଜେଡିର ବିକ୍ଷୋଭ, ଧାରଣା**

କେନ୍ଦ୍ର ସରକାରଙ୍କ ଚାଉଳ କାଟ୍ ବିରୋଧରେ ବିଜେଡି ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ନବରଙ୍ଗପୁର ଜିଲାର ବିଭିନ୍ନ ବ୍ଲକରେ ବିଜେଡି ପକ୍ଷରୁ ଧାରଣା ଓ ପ୍ରତିବାଦ ସହ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରାଯାଇଛି। କେନ୍ଦ୍ର ସରକାର ପ୍ରଧାନମନ୍ତ୍ରୀ ଗରିବ କଲ୍ୟାଣ ଅନ୍ନ ଯୋଜନାରେ ହିତାଧିକାରୀଙ୍କୁ ଦେଉଥିବା ୫କେଜି ଚାଉଳ ବନ୍ଦ କରି ଅମାନବୀୟ ପଦକ୍ଷେପ ନେଇଛନ୍ତି ବୋଲି ବିଜେଡି ଅଭିଯୋଗ କରିଛି। ପୂର୍ବଭଳି ଧାର୍ଯ୍ୟ ପରିମାଣର ଚାଉଳ ଉଠେଇବା,ଧାନ କିଣା ବାବଦରେ ବକେୟା ସବ୍‌ସିଡି ଟଙ୍କା ଚାଷୀଙ୍କୁ ତୁରନ୍ତ ପ୍ରଦାନ କରିବାକୁ ଦାବି ହୋଇଛି।

ପାପଡ଼ାହାଣ୍ଡିରେ ବିଜେଡି ପକ୍ଷରୁ ପ୍ରତିବାଦ କରାଯାଇଥିଲା। ଶତାଧିକ କର୍ମୀ ବିଧାୟକ ମନୋହର ରନ୍ଧାରୀଙ୍କ ନେତୃତ୍ୱରେ ସ୍ଥାନୀୟ ନୀଳକଣ୍ଠେଶ୍ୱର ମନ୍ଦିରରୁ ରାଲିରେ ବାହାରି କେନ୍ଦ୍ର ବିରୋଧୀ ସ୍ଲୋଗାନ ଦେଇଥିଲେ। ବ୍ଲକ କାର୍ଯ୍ୟାଳୟରେ ପହଞ୍ଚିବା ପରେ ଏଏଇ ଦିବ୍ୟରଞ୍ଜନ ମେହେରଙ୍କୁ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରାଯାଇଥିଲା। କେନ୍ଦ୍ର ସରକାରଙ୍କ ଓଡ଼ିଶା ପ୍ରତି ଅବହେଳା ଓ ଗରିବ କଲ୍ୟାଣ ଯୋଜନାରେ ଚାଉଳ କାଟକୁ ଦଳ ବିରୋଧ କରିଥିଲା। ଏଥିସହ ଆବାସ ଯୋଜନାରେ ବୈମାତୃକ ମନୋଭାବ ଦେଖାଉଥିବାରୁ କର୍ମୀମାନେ ଅସନ୍ତୋଷ ପ୍ରକାଶ କରିଥଲେ। ବ୍ଲକ ଅଧକ୍ଷା ହେମଲତା ମାଝି, ଉପାଧକ୍ଷ ସୁଶାନ୍ତ ବେହେରା, ଜିଲା ପରିଷଦ ସଭ୍ୟ ଯଶୋବନ୍ତ ନାୟକ, ରଜନୀକାନ୍ତ ସାସମଲ, ଶିବପ୍ରସାଦ ଅଗ୍ରୱାଲ, ତୁଳସା ଭତରା,ଅବଦୁଲ ତାଜୁଦ୍ଦୀନ, ତ୍ରିନାଥ ପ୍ରଧାନ, ଲିଙ୍ଗରାଜ ଭତରା, ପ୍ରହଲ୍ଲାଦ ଅଗ୍ରୱାଲ, ଯୁଧିଷ୍ଠିର ନାୟକ, ସରୋଜ ଜାଲଙ୍କ ସହ ବହୁ କର୍ମୀ ଦାବିପତ୍ର ପ୍ରଦାନ ବେଳେ ଉପସ୍ଥିତ ଥିଲେ।



ଡାବୁଗାଁଠାରେ ବିଧାୟକ ମନୋହର ରନ୍ଧାରୀ ଓ ଅନ୍ୟ କର୍ମୀମାନେ ବିଡିଓଙ୍କୁ ଦାବିପତ୍ର ଦେଉଛନ୍ତି ।

ଡାବୁଗାଁ ବ୍ଲକ ବିଜେଡି ସଭାପତି ସୁରେନ୍ଦ୍ର କୁମାର ମିଶ୍ରଙ୍କ ଅଧ୍ୟକ୍ଷତାରେ କର୍ମୀମାନେ ଭୈରବ ମନ୍ଦିରରୁ ଶୋଭାଯାତ୍ରାରେ ବାହାରି ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚିଥିଲେ। ପରେ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ବିଡିଓ ଶରତ ମାଝିଙ୍କୁ ଦେଇଥିଲେ। ଡାବୁଗାଁ ବିଧାୟକ ମନୋହର ରନ୍ଧାରୀ ଯୋଗଦେଇ କେନ୍ଦ୍ର ସରକାରଙ୍କ ଓଡ଼ିଶା ପ୍ରତି ଅବହେଳା ଗରିବ ଚାଷୀ ମୂଲିଆଙ୍କ ପେଟମାରଣା ନୀତିକୁ ବିରୋଧ କରିଥିଲେ। ଏହି ବିକ୍ଷୋଭ ପ୍ରଦର୍ଶନ ବେଳେ ରାଜ୍ୟ ସଭା ସଦସ୍ୟଙ୍କ ପ୍ରତିନିଧି ରାମାରାଓ ଚୌଧୁରୀ, ପ୍ରତିନିଧି ଏମ୍. ଆପ୍ପାରାଓ, ବିଧାୟକ ପ୍ରତିନିଧି ଏମ୍. ବୁଲୁ ରାଓ, ବ୍ଲକ ଉପାଧକ୍ଷ ସଦାନନ୍ଦ ନାୟକ, ଜିଲା ପରିଷଦ ସଭ୍ୟ ଧନସିଂ ଭତ୍ରା ଓ ଗୁପ୍ତ ବିଷୋୟୀ, ପୂର୍ବତନ ଜିଲା ପରିଷଦ ସଭ୍ୟ ବିଜୟ ବେହେରା, ପୂର୍ବତନ ସରପଞ୍ଚ ଜି. ପ୍ରକାଶ ରାଓ, ପି. ନାଗା, ବବୁଲୁ ତ୍ରିପାଠୀ, ରମେଶ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ।

ଚନ୍ଦାହାଣ୍ଡି ବ୍ଲକ ବିଜେଡି ସଭାପତି ଗୌରହରି ନାୟକଙ୍କ ସଭାପତିତ୍ୱରେ ବ୍ଲକର ୧୪ ପଞ୍ଚାୟତରୁ ଆସିଥିବା ଶତାଧିକ ଲୋକେ ବିଜେଡି କର୍ମୀ ସହ ମିଶି ବିକ୍ଷୋଭ କରିଥିଲେ। ସେମାନେ ଏକ ଦାବିପତ୍ର ବିଡିଓ ଧର୍ମରାଜ ମାଝିଙ୍କୁ ଦେଇଛନ୍ତି। ଏହି ବିକ୍ଷୋଭ ବେଳେ ଝରିଗାଁ ବିଧାୟକ ଇଂ. ପ୍ରକାଶ ଚନ୍ଦ୍ର ମାଝି, ଓଏଲ୍‌ଆଇସି ପରାମର୍ଶଦାତା ପ୍ରମୋଦ ପାଢ଼ୀ, ଉପାଧକ୍ଷ ବାସୁଦେବ ଗୌଡ଼, ଜିଲା ପରିଷଦ ସଭ୍ୟା ବର୍ଷାରାଣୀ ପଟେଲ, ସମସ୍ତ ସରପଞ୍ଚ,ସମିତି ସଭ୍ୟ ଉପସ୍ଥିତ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଜେଡି ଜୋନ୍ ସଭାପତି ଯୁବରାଜ ଜଗତ ଓ ବଳରାମ ପଟ୍ଟନାୟକ, ଯୁବ ବିଜେଡି ସଭାପତି ତ୍ରିନାଥ ଦାଶ, ଛାତ୍ର ବିଜେଡି ସଭାପତି ଲିଙ୍ଗରାଜ ଚୌହାନ, ଜିଲା ଡିଜିଟାଲ ସେକ୍ରେଟାରି ଭୁଜାରାଜ ସୋରି, ବରିଷ୍ଠ ବିଜେଡି ନେତା କିଶୋର ଖମାରି ପ୍ରମୁଖ ପ୍ରତିବାଦ ବେଳେ ଉପସ୍ଥିତ ଥିଲେ।

ଝରିଗାଁ ବ୍ଲକ ସଭାପତି ଟିକଚାନ୍ଦ ମାଝିଙ୍କ ନେତୃତ୍ୱରେ ଶତାଧିକ ଦଳୀୟ କର୍ମୀ ଏକ ବିରାଟ ଶୋଭାଯାତ୍ରାରେ ସ୍ଥାନୀୟ ପଞ୍ଚାୟତ ସମିତି କାର୍ଯ୍ୟାଳୟରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ବିଡିଙ୍କୁ ସ୍ମାରକପତ୍ର ପ୍ରଦାନ କରାଯାଇଥିଲା। ଏଠାରେ ଝରିଗାଁ ବିଧାୟକ ପ୍ରକାଶ ଚନ୍ଦ୍ର ମାଝି, ଏମ୍‌ପିଙ୍କ ପ୍ରତିନିଧି ପ୍ରିୟରଞ୍ଜନ ଦାସ, ଝରିଗାଁ ବ୍ଲକ ଅଧକ୍ଷ ଦୁର୍ଗାପ୍ରସାଦ ମାଝି, ଜିଲା ପରିଷଦ ସଭ୍ୟା ଯମୁନା ଗଣ୍ଡ, ଉର୍ମିଳା ପୂଜାରୀ, ବିଧାୟକ ପ୍ରତିନିଧି ରାମଧର ମାଝି, ପିଙ୍କୁ କାହାଳିଆ ପ୍ରମୁଖ ନେତୃବୃନ୍ଦ ଉପସ୍ଥିତ ଥିଲେ। ସରକାରଙ୍କ ଗରିବମାରଣ ନୀତିକୁ ତୀବ୍ର ସମାଲୋଚନା କରାଯାଇଛି।

